# ନାମକୁ ମାତ୍ର ମେଡିକାଲ କଲେଜ

ବଲାଙ୍ଗିର, ୨୨।୩(ସମିସ)



ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ହିଁ ଭରସା

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲା ବଲାଙ୍ଗିରରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ଦିନେ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀ ପଦବୀ ମିଳିବା ପରେ ସ୍ୱେଚ୍ଛାସେବୀ, ସ୍ୱେଚ୍ଛାସେବୀ ସଂଗଠନ ଓ ସମର୍ଥକ ଖୁସି ପ୍ରକାଶ କରିଥିଲେ। ଆଜି ସେମାନେ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ପ୍ରଶ୍ନ ଉଠାଇଛନ୍ତି। ୨ ବର୍ଷ ହେଲା ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା ନୂତନ କୋଠାରେ ଆରମ୍ଭ ହୋଇଛି; କିନ୍ତୁ ଏବେ ବି ରକ୍ତ, ଇସିଜି ପାଇଁ ଲୋକେ ପୁରୁଣା ଡାକ୍ତରଖାନା ବା ବର୍ତ୍ତମାନର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରଛନ୍ତି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବଲାଙ୍ଗିରର ସନ୍ତୋଷ ପଟ୍ଟନାୟକଙ୍କ ମା' କିଛିଦିନ ତଳେ ଭୀମ ଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଥିଲେ। ସେ ଏଥିଲାଗି ଚିକିତ୍ସାରେ ଅବହେଳା ଅଭିଯୋଗ ଆଣିଥିଲେ। ଗତ ଶୁକ୍ରବାର ବଲାଙ୍ଗିରର ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ସାମ୍ବାଦିକ ସମ୍ମିଳନୀ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ହେଉଥିବା ଅବହେଳାର ଚିତ୍ର ସାମ୍ନାକୁ ଆଣିଥିଲେ। ବଲାଙ୍ଗିର ମେଡିକାଲ କଲେଜ ଡାକ୍ତରଖାନା ୨ ବର୍ଷ ତଳେ ନୂତନ କୋଠା ଉଦ୍‌ଘାଟିତ ହୋଇଛି। ନୂତନ କୋଠାକୁ ଡାକ୍ତରଖାନା ସ୍ଥାନାନ୍ତର କରିବା ଲାଗି ପ୍ରାୟ ଗୋଟିଏ ବର୍ଷ ଲାଗିଥିଲା। ପର୍ଯ୍ୟାୟ କ୍ରମେ ଡାକ୍ତରଖାନାର ବିଭିନ୍ନ ବିଭାଗ ସ୍ଥାନାନ୍ତର କରାଯାଇଥିଲା; କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ନୂତନ କୋଠାକୁ ରକ୍ତ ଭଣ୍ଡାର ସ୍ଥାନାନ୍ତର ହୋଇପାରିନାହିଁ। କେବଳ ଲୋକଙ୍କୁ ଅସନ୍ତୋଷକୁ ପ୍ରଶମିତ କରିବା ପାଇଁ କିଛି ମାସ ପୂର୍ବରୁ ଏକ କେନ୍ଦ୍ର ଖୋଲାଯାଇଥିଲା; ଯାହାକି ଜରୁରୀ ସମୟରେ ରୋଗୀଙ୍କୁ ରକ୍ତ ଦେବା ପାଇଁ ଲକ୍ଷ୍ୟ ରଖା ଯାଇଛି; କିନ୍ତୁ ଆଜି ବି ରୋଗୀଙ୍କୁ ରକ୍ତ ଆବଶ୍ୟକ ହେଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରରୁ ଆଣିବାକୁ ପଡ଼ିଥାଏ।

ସେହିପରି ମେଡିକାଲ କଲେଜ ଡାକ୍ତରଖାନାରେ ଇସିଜି ସୁବିଧା ଉପଲବ୍ଧ ନାହିଁ। ଏହାଫଳରେ ରୋଗୀଙ୍କୁ ଏହି ପରୀକ୍ଷା କରିବାକୁ ହେଲେ ପୁରୁଣା ଡାକ୍ତରଖାନାକୁ ଯିବାକୁ ପଡୁଛି। କେବଳ ଏହି ସମସ୍ୟା ନୁହଁ; ଏହିଭଳି ଅନେକ ସମସ୍ୟା ରହିଛି ଯାହାକି ଆଜି ପର୍ଯ୍ୟନ୍ତ ସମାଧାନ ହୋଇ ପାରି ନ ଥିବା ଅଭିଯୋଗ ହୋଇଛି। ସବୁଠାରୁ ବଡ଼ ସମୟ ହେଉଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ହେଉ କି ଭୀମ ଭୋଇ ମେଡିକାଲ କଲେଜ ଡାକ୍ତରଖାନା ଯେଉଁଠି ରୋଗୀଙ୍କୁ ସାମାନ୍ୟ ରୋଗରେ ବି ବୁର୍ଲା ସ୍ଥାନାନ୍ତର କରାଯାଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେବଳ ନାମକୁ ମାତ୍ର ରହିଛି। ଡାକ୍ତରଖାନାକୁ ରୋଗୀ ଆସିବା ମାତ୍ରେ ସଙ୍ଗେ ସଙ୍ଗେ ମେଡିକାଲ କଲେଜ ଡାକ୍ତରଖାନାକୁ ସ୍ଥାନାନ୍ତର କରିଦିଆଯାଉଛି। ଏହି ସବୁ ସମସ୍ୟା ଭିତରେ ବଲାଙ୍ଗିର ଜିଲ୍ଲାର ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ଡାକ୍ତରଖାନା ଗତି କରୁଛି। ଏହାର ସମାଧାନ ପାଇଁ ଦୀର୍ଘ ମାସ ହେଲା ଦାବି ହୋଇ ଆସୁଛି; ହେଲେ କୌଣସି ସୁଫଳ ମିଳୁନି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାର ଏଭଳି ସ୍ଥିତି ହୋଇଥିବା ବେଳେ ଅନ୍ୟ ଜିଲ୍ଲା କଥା ପଚାରେ କିଏ। ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀ ଦାୟିତ୍ୱ ମିଳିବା ପରେ ଅନ୍ତତଃ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୁଧାର ଆସିବ। ଲୋକେ ଉନ୍ନତ ମାନର ସେବା ପାଇବେ ବୋଲି ଆଶା ଥିଲା; କିନ୍ତୁ ତାହା ଭୁଲ୍ ପ୍ରମାଣିତ ହୋଇଛି।

● ପାଟଣାଗଡ଼ ବ୍ଲକରେ ସିଏସ୍‌ଏସ୍ ପୋଷ୍ଟ ନିଯୁକ୍ତିରେ ଜାଲିଆତି ଘଟଣା

# ଲରମ୍ଭା ସଭାପତିଙ୍କୁ ବହିଷ୍କାର କରି ଚାପିବାକୁ ଉଦ୍ୟମ

ପାଟଣାଗଡ଼, ୨୨।୩ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକରେ ସିଏସ୍‌ଏସ୍ ନିଯୁକ୍ତିରେ ଜାଲିଆତି ଓ ଦରମା ପାଇଁ ବ୍ଲକ ସଂଯୋଜକଙ୍କ ଲାଞ୍ଚ କାରବାର ଘଟଣା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କ ପାଇଁ ପ୍ରତ୍ୟେକ ଗାଁ ଓ ପଞ୍ଚାୟତ ପାଇଁ ଗୋଟିଏ ଲେଖାଏଁ ସିଏସଏସ ପଦବୀ ପାଇଁ ହୋଇଥିବା ନିଯୁକ୍ତିରେ ପ୍ରଥମେ ଲରମ୍ଭାରୁ ଜାଲିଆତି କରାଯାଇ ପଦବୀ ହାତେଇଥିବା ଅଭିଯୋଗ ହୋଇଥିଲା। ଏନେଇ ପ୍ରଥମେ ବିଡ଼ିଓଙ୍କୁ ଅଭିଯୋଗ ହୋଇଥିଲା; ହେଲେ କୌଣସି ସୁଫଳ ନ ମିଳିବାରୁ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରାଯାଇଥିଲା। ନିଯୁକ୍ତି ଜାଲିଆତି ଓ ଦରମା ପାସ୍ କରିବାକୁ ବ୍ଲକ ସଂଯୋଜକ ଲାଞ୍ଚ ନେଉଥିବା ଲରମ୍ଭା ପଞ୍ଚାୟତ ଜିପିଏଲଏଫ ଇସି ଗ୍ରୁପର ମହିଳା ସଦସ୍ୟା ଅଭିଯୋଗ ଆଣିଥିଲେ। ଏହି ଘଟଣାକୁ ଗୁରୁତର ସହ ନେଇ ଜିଲ୍ଲାପାଳ ଘଟଣାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଘଟଣାରେ ଗୁରୁବାର ପାଟଣାଗଡ଼ ବିଡ଼ିଓ ସୁମନ ମିଞ୍ଜ ଓ ବିପିଏମ ତଦନ୍ତ ଲାଗି ଲରମ୍ଭା ଓ କୁତୁର୍ଲା ଗାଁକୁ ଯାଇଥିଲେ; ହେଲେ ଏହି ତଦନ୍ତକୁ ନେଇ ଜିପିଏଲଏଫ ସଦସ୍ୟା ପ୍ରଶ୍ନ ଉଠାଇଛନ୍ତି। ଯେଉଁ ବିଭାଗ ଓ ଯାହାଙ୍କ ଦ୍ୱାରା ଦୁର୍ନୀତି ହୋଇଛି ବୋଲି ସନ୍ଦେହ କରାଯାଇଛି ସେହି ଅଧିକାରୀଙ୍କ ଦ୍ୱାରା କିଭଳି ତଦନ୍ତ କରାଯାଉଛି ବୋଲି ଏମାନେ ପ୍ରଶ୍ନ କରିଛନ୍ତି। ଏହାଦ୍ୱାରା ଏହି ଜାଲିଆତି ଓ ଲାଞ୍ଚ କାରବାରର ମାଷ୍ଟର ମାଇଣ୍ଡ ଥିବା ବ୍ଲକ ସଂଯୋଜକ ବିଚିତ୍ରାନନ୍ଦ ମୁଦୁଲିଙ୍କୁ ଘଣ୍ଟ ଘୋଡାଇବା ପାଇଁ ପ୍ରୟାସ କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। କେବଳ ଲରମ୍ଭା ଜିପିଏଲଏଫ ସଭାପତି ଯାଜ୍ଞସେନି ଦଣ୍ଡସେନାଙ୍କୁ ବହିଷ୍କାର କରିବାକୁ ନିଷ୍ପତ୍ତି ନେଇ ଏହି ମାମଲାକୁ ଚାପିଦେବାକୁ ଉଦ୍ୟମ କରାଯାଇଛି ବୋଲି ଏମାନେ କହିଛନ୍ତି। ଗତ ୬ ମାସ ହେଲା ଦରମା ପାଇଁ ବିଡ଼ିଓଙ୍କ ଦସ୍ତଖତ ଲାଗୁଥିଲା। ଦରମା ପାସ୍ ପାଇଁ ଜିପି ସଭାପତିଙ୍କ ମାଧ୍ୟମରେ ଦିଆଯାଇଥିବା ଲାଞ୍ଚ ଟଙ୍କା ବ୍ଲକ ସଂଯୋଜକଙ୍କୁ ଦିଆଯାଉଥିଲା। ୬ ମାସ ହେବ ଦରମା ପାସ୍ ପାଇଁ ବ୍ଲକ ସଂଯୋଜକ ବିଡ଼ିଓଙ୍କଠାରୁ ଦସ୍ତଖତ କରାଉଥିଲେ। ତେଣୁ ଲାଞ୍ଚ ଟଙ୍କା ଆଉ ବିଡ଼ିଓଙ୍କ ପାଖକୁ ଯାଇନାହିଁ ତ ବୋଲି ସନ୍ଦେହ ଉପୁଜିଛି। ସେଥିପାଇଁ କୁଆଡେ ତଦନ୍ତରେ ବ୍ଲକ ସଂଯୋଜକଙ୍କୁ ବଞ୍ଚାଇବାକୁ ଉଦ୍ୟମ ହୋଇଥିବା କୁହାଯାଉଛି। ଅନ୍ୟପଟେ ଏହି ସିଏସଏସ ନିଯୁକ୍ତି ଜାଲିଆତି ବ୍ଲକ ସାରା ଲମ୍ବିଛି। ଯାହା ଶୁଣିବାକୁ ମିଳିଛି ନିର୍ଦ୍ଦିଷ୍ଟ ଜିପି ସଭାପତିଙ୍କ ମାଧ୍ୟମରେ ପ୍ରତି ଗାଁ ସ୍ତର ପୋଷ୍ଟ ପାଇଁ ୩୦ ହଜାର ଓ ଜିପି ପାଇଁ ୫୦ ହଜାର ଟଙ୍କା ଲେଖାଏଁ ଆଦାୟ ହୋଇଛି। ଏହି ଟଙ୍କାର ଭାଗବଣ୍ଟା କୁଆଡେ ଜିପି ସଭାପତି ଓ ୩ ଜଣ ବିଭାଗୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ହୋଇଛି। ଏହି ଜାଲିଆତି ପାଇଁ କୋଟିଏରୁ ଅଧିକ ଟଙ୍କାର କାରବାର ହୋଇଥିବା କୁହାଯାଉଛି। ଅନ୍ୟପଟେ ବ୍ଲକ ସଂଯୋଜକ ବିଚିତ୍ରା ନନ୍ଦ ମୁଦୁଲି କିଭଳି ଅଞ୍ଚଳର ନିର୍ଦ୍ଦିଷ୍ଟ ସଦସ୍ୟାଙ୍କ ମାଧ୍ୟମରେ ଲାଞ୍ଚ ଟଙ୍କା ନେଉଥିଲେ ଏହାର ପ୍ରମାଣ

- ବ୍ଲକ ସାରା ଲମ୍ବି ଚାଲିଛି ଅଭିଯୋଗର ଲମ୍ବା ଫର୍ଦ୍ଦ
- 'ସକାଳ' ହାତରେ ବ୍ଲକ ସଂଯୋଜକଙ୍କ ଲାଞ୍ଚ କାରବାରର ପ୍ରମାଣ
- ଜିପିର ନିର୍ଦ୍ଦିଷ୍ଟ ସଦସ୍ୟା ମାଧ୍ୟମରେ ନେଉଥିଲେ ଲାଞ୍ଚ

ଲାଗିଛି। ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀଙ୍କ ପାଇଁ ଆସୁଥିବା ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାକୁ କିଭଳି ଲାଞ୍ଚ ନେଉଥିଲେ ଏହାର ଅଡ଼ିଓ ପ୍ରମାଣ ମଧ୍ୟ ରହିଛି। ବ୍ଲକ ସଂଯୋଜକ ନିର୍ଦ୍ଦିଷ୍ଟ ଜିପିଗୁଡିକର ସଭାପତିଙ୍କୁ ହାତ କରି ତାଙ୍କ ମାଧ୍ୟମରେ ଲାଞ୍ଚ ନେଉଥିଲେ। ପ୍ରତିଥର ଦରମା ପାଇଁ ଲାଞ୍ଚ ଦେବାକୁ ବାଧ କରୁଥିଲେ। ଏପରିକି ଟଙ୍କା ନ ମିଳିଲେ ବିଭିନ୍ନ ଆଳ ଦେଖାଇ ଦରମା ଦେଉ ନ ଥିଲେ। ମିଳିଥିବା ଅଡ଼ିଓରେ ସେ ରୋକଠୋକ କହୁଛନ୍ତି ଯେ ସମସ୍ତଙ୍କଠାରୁ କଲେକ୍ସନ କରି ଟଙ୍କା ଆଣ। ନ ହେଲେ କିଛି ହୋଇପାରିବ ନାହିଁ। ସେଥିରୁ ବୁଝିଯାଅ। ଫୋନରେ କ'ଣ ସବୁ କହିହୁଏ ବୋଲି ବ୍ଲକ ସଂଯୋଜକ କହୁଛନ୍ତି। ଏଥିସହ କିଛିମାସ ତଳେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦିଆଯାଇଥିବା ୧୦ ହଜାର ଟଙ୍କାରେ ମଧ୍ୟ ବଡ଼ ଧରଣର ଲାଞ୍ଚ କାରବାର ହୋଇଥିବା ଅଭିଯୋଗ ଉଠିଛି। ଯେଉଁ ଗୋଷ୍ଠୀ ୩/୪ହଜାର ଟଙ୍କା ଲାଞ୍ଚ ଦେଇଛନ୍ତି ତାଙ୍କୁ ମନୋନୀତ କରାଯାଇଛି। ଏହି କାରବାରର ମଧ୍ୟ ବ୍ଲକ ସଂଯୋଜକ ମାଷ୍ଟର ମାଇଣ୍ଡ ସାଜିଛନ୍ତି। ଏହାର ମଧ୍ୟ ପ୍ରମାଣ ରହିଛି। 'ସକାଳ'ରେ ଏ ନେଇ ଲଗାତାର ଖବର ପ୍ରକାଶ ପରେ ବ୍ଲକ ଅଞ୍ଚଳରୁ ଅନେକ ମହିଳାଙ୍କ ଅଭିଯୋଗ ଆସିଛି।

## ଶ୍ୟାମ ଭଜନ ସନ୍ଧ୍ୟା ପାଇଁ ପ୍ରସ୍ତୁତି

ସଇଁତଲା, ୨୨।୩(ସମିସ): ବଲାଙ୍ଗୀର ଜିଲ୍ଲା ସଇଁତଲା ସହର ଗୋପବନ୍ଧୁପଡ଼ାସ୍ଥିତ ରାମ ମନ୍ଦିର ପରିସରରେ ଆସନ୍ତା ୩୧ ମାର୍ଚ୍ଚ ସନ୍ଧ୍ୟାରେ ଶ୍ୟାମ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସ୍ଥାନୀୟ ରାମ ମନ୍ଦିର ପରିସରରେ ଏଥି ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଣ୍ଟାବାଞ୍ଜିର ଗାୟକ କେଶବ କୌଶିକ ଓ ରାଜନନ୍ଦଗାଓଁରୁ ରାଧିକା ଶର୍ମା ଏଥିରେ ଯୋଗଦେବେ। ତେବେ ଏହି ବୈଠକରେ ବାଦଲ ଅଗ୍ରୱାଲ, ଈଶୁ ଅଗ୍ରୱାଲ, ହରିଶଙ୍କର ଅଗ୍ରୱାଲ, ଆକାଶ ଅଗ୍ରୱାଲ, ଅସିତ ଜୈନ, ଅଙ୍କିତ ଅଗ୍ରୱାଲ, ଭୁପେଶ ମୋରୋଡ଼ିଆ, ନିରଞ୍ଜନ ଗୁପ୍ତା, ସାହିଲ ବନ୍ସଲ, ମୁକେଶ ଅଗ୍ରୱାଲ, ଶୁଭମ ଅଗ୍ରୱାଲ, ମୁକେଶ ଜୈନ, ଗୋପାଳ ଅଗ୍ରୱାଲ, ମହେଶ ଅଗ୍ରୱାଲ, ସର୍ଜନ ଅଗ୍ରୱାଲ, ଅମିତ ଅଗ୍ରୱାଲ, ବାବୁଲାଲ ଅଗ୍ରୱାଲ, ଆଶିଷ ଅଗ୍ରୱାଲ, ମନିଷ ଅଗ୍ରୱାଲ, ସୌରଭ ଅଗ୍ରୱାଲ, ପବନ ଅଗ୍ରୱାଲ, ଗଣେଶ ଅଗ୍ରୱାଲ, ଶ୍ରବଣ ଅଗ୍ରୱାଲ, ବିଶ୍ୱଜିତ ମିଶ୍ର, ହାଁସରାଜ ଅଗ୍ରୱାଲ, ଲଳିତ ଅଗ୍ରୱାଲ, ବିମଳ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ଜାମଖୁଣ୍ଟାରେ ପାନୀୟ ଜଳ ସମସ୍ୟା

ସଇଁତଲା, ୨୨।୩(ସମିସ): ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକ ଧରପଗଡ଼ ପଞ୍ଚାୟତର ଜାମଖୁଣ୍ଟା ଗାଁରେ ପିଇବା ପାଣି ସମସ୍ୟା ଗୁରୁତର ରୂପ ନେଇଛି। ଗତ ବର୍ଷ ଅଗଷ୍ଟ ୨୩ ତାରିଖରେ କିଡ୍‌ନୀ ରୋଗରେ ଗୋଟିଏ ଦିନରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ସୁକାନ୍ତ ବଗର୍ତ୍ତୀ (୫୦) ଓ ହିଙ୍ଗିଲା କଟା (୫୦)ଙ୍କ ମୃତ୍ୟୁରେ ଗାଁରେ ଭୟ ଓ ଅସନ୍ତୋଷ ସୃଷ୍ଟି କରିଥିଲା। ସେମାନେ ଅସୁସ୍ଥ ହୋଇ ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏମାନେ



କିଡ୍‌ନୀ ରୋଗରେ ପୀଡିତ ବୋଲି ଡାକ୍ତର ନିଶ୍ଚିତ କରିଥିଲେ। ସେହି ଦିନ ଆଉ ୪ ଜଣ ଆକ୍ରାନ୍ତ ମଧ୍ୟ ଚିହ୍ନଟ ହୋଇଥିଲେ। ତେବେ ଏହାପୂର୍ବରୁ ଗାଁର ଅଧିକାଂଶ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। କୌଣସି ସୁବିଧା ନ ଥିବାରୁ ଗାଁ ଲୋକେ ବାଧ ହୋଇ ଦୂଷିତ ପାଣି ପିଉଛନ୍ତି। ଏନେଇ ସେମାନେ ପ୍ରଶାସନଙ୍କ ପାଖରେ ଅନେକ ଥର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନି। ଏଣୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ଛୁଆଚୋର ସନ୍ଦେହରେ ଯୁବକଙ୍କୁ ମାଡ଼



ବଲାଙ୍ଗିର, ୨୨।୩(ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ଛୁଆଚୋର ଗୁଜବ ଦେଖା ଦେଇଛି। ଏହିଭଳି ଗୁଜବ ପ୍ରଚାର ନ କରିବାକୁ ପୁଲିସ ଓ ପ୍ରଶାସନ ସବୁବେଳେ ଉଦ୍ୟମ କରୁଛି। ବଲାଙ୍ଗିର ଜିଲ୍ଲାରେ ଜଣେ ମାନସିକ ରୋଗୀ ଏହି ଗୁଜବର ଶିକାର ହୋଇଛନ୍ତି। ଛୁଆଚୋର ସନ୍ଦେହରେ ତାଙ୍କୁ ଲୋକେ ମାଡ ମାରିଥିବା ବେଳେ ପୁଲିସ ଉଦ୍ଧାର କରିଛି। ବଲାଙ୍ଗିର ଜିଲ୍ଲାରେ ଏକ ଅଜଣା ଯୁବକଙ୍କୁ ଲୋକେ ମାଡ ମାରିଥିବା ଭିଡିଓ ଭାଇରାଲ ହୋଇଥିଲା। ଏହି ଭିଡିଓଟି ସଦର ଥାନା ଅଧୀନ ଖର୍ଲାକାନି ଗାଁର ବୋଲି ଜଣାପଡ଼ିଥିଲା। ତେବେ ମାଡ ଖାଉଥିବା ଯୁବକଙ୍କୁ ଲୋକେ ଗାଁରେ ବୁଲାବୁଲି କରୁଥିବା ଦେଖିଥିଲେ। ଛୁଆଚୋର ସନ୍ଦେହରେ ତାଙ୍କୁ ଲୋକେ ପଚରାଉଚୁରା କରୁଥିବା ବେଳେ ସେ ଦୌଡି ପଳାଇଥିଲେ। ଲୋକେ ତାକୁ ଗୋଡାଇ ବଲାଙ୍ଗିର-ଟିଟିଲାଗଡ଼ ରାସ୍ତା ନିକଟରେ କାବୁ କରିଥିଲେ। କିଛି ନ ବୁଝି ଛୁଆଚୋର ସନ୍ଦେହରେ ମାଡ ମାରିଥିଲେ। ଏହା ଦେଖି କିଛି ଲୋକ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ସମ୍ପୃକ୍ତ ଯୁବକକୁ ଉଦ୍ଧାର କରିଥିଲା। ସେ ଜଣେ ମାନସିକ ରୋଗୀ ବୋଲି ଜାଣିବା ପରେ ପୁଲିସ ଛାଡି ଦେଇଛି।

## ହିନ୍ଦୁ ନବ ବର୍ଷ ପାଳିତ

ବଲାଙ୍ଗିର, ୨୨।୩(ସମିସ): ବ୍ରାହ୍ମଣପଡ଼ା ଅଖଣ୍ଡ ଭାଗବତ ଯଜ୍ଞ କମିଟି ପକ୍ଷରୁ ହିନ୍ଦୁ ନବ ବର୍ଷ ପାଳିତ ହୋଇଛି। ଏହି ଉତ୍ସବରେ ସଭାପତି ଡ. ଭବାନୀ ଶଙ୍କର ପଟେଲ ସଭା ପରିଚାଳନା କରିବା ସହ କବିତା ପାଠ ସଂଯୋଜନା କରିଥିଲେ। ମିରଟ ବିଶ୍ୱବିଦ୍ୟାଳୟର ପୂର୍ବତନ ସଂସ୍କୃତ ଆଚାର୍ଯ୍ୟ କ୍ଷମାନିଧି ସାହୁ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। କମିଟିର ପ୍ରତିଷ୍ଠାତା ଓ ପ୍ରବଚକ ବଂଶୀଧର ଦାନୀ ହିନ୍ଦୁମାନଙ୍କ ସଂସ୍କୃତି ଓ ପରମ୍ପରା ଉପରେ ତଥ୍ୟ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଳିଷ୍ଠ ପଧାନ, ଅଙ୍ଗିରା ସାହୁ, କବିତା ଦାନୀ, ବଂଶୀଧର ସା ବକ୍ତବ୍ୟ ରଖିଥିଲେ। ସବିତା ଦାନୀ, ଡ. ଭବାନୀ ଶଙ୍କର ପଟେଲ ଓ ରଶ୍ମି ପାତ୍ର କବିତା ପାଠ କରିଥିଲେ। ସୁରେନ୍ଦ୍ର ହୋତା, ସତ୍ୟବାନ ବେଦବାକ, ପଞ୍ଚାନନ ବେଦବାକ, ଜୟଦେବ ପଧାନ, ମେଘ ଭୁଏ, ମଦନ ଗୋପାଳ ସ୍ୱାଇଁ, ସୁବାଷ ଚନ୍ଦ୍ର ମିଶ୍ର, ରୁଷି ଗୁରୁ, ସତ୍ୟନାରାୟଣ ସାହୁ, ନିଳାମ୍ବର ବରାଳ, ରାଜକୁମାର ସ୍ୱାଇଁ, ବାହାଦୁର କୁମ୍ଭାର, ଅମ୍ବରିଶ ପୋଢ, ରାମ ଶଙ୍କର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲା।

## ଜଗନ୍ନାଥ ମନ୍ଦିରରେ ଅଗସ୍ତି ପରିବାରର ମହାମିଳନ



ବେଲପଡ଼ା, ୨୨।୩(ସମିସ): ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକ ମଣ୍ଡଳ ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆଜି ଅଗସ୍ତି ପରିବାର ପକ୍ଷରୁ ଏକ ମହାମିଳନ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗିର, କଳାହାଣ୍ଡି, ନୂଆପଡ଼ା, ସୁବର୍ଣ୍ଣପୁର, ସମ୍ବଲପୁର, ବରଗଡ଼, ଦେବଗଡ଼ ଓ ଛତିଶଗଡ଼ର ଅଗସ୍ତି ପରିବାର ସଦସ୍ୟମାନେ ଯୋଗ ଦେଇଥିଲେ।

## ରାମ ମନ୍ଦିର ପ୍ରତିଷ୍ଠା, ନାମଯଜ୍ଞ ପାଇଁ କଳସ ଯାତ୍ରା



ମୁରିବାହାଲ, ୨୨।୩(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦମହକୁମାରେ ଶ୍ରୀରାମ ମନ୍ଦିରର ରତ୍ନମୁଦ ସ୍ଥାପନ ଓ ପ୍ରତିଷ୍ଠା ତଥା ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଖଜୁରୀବନ୍ଧରୁ ଶତାଧିକ ମହିଳା ସଙ୍କୀର୍ତ୍ତନ୍ୟ ଓ ଘୁମୁରା ବାଦ୍ୟ ସହ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଏହି ଶ୍ରୀରାମ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମର ମୁଖ୍ୟ ପୂଜକ ରୂପେ କାଶୀନାଥ ଦାସ ଓ ସାଥୀ ଦାୟିତ୍ୱ ନିର୍ବାହ କରୁଛନ୍ତି। ରାଜୀବ ମହାନ୍ତି, ବିଶ୍ୱବିହାରୀ ଯୋଶୀ, ତରୁଣ ପୋଡ଼, ଚିନ୍ତାମଣି ମହାରଣା, ଭରତ ଦାସ, ନେପାଳ ସାହୁ, କିଶୋର ପୃଷ୍ଟି, ଦିଲ୍ଲୀପ ଦାସ, ସୁମନାନନ୍ଦ ଖମାରୀ, ସୁଧୀର ପାଣି, କୃତିବାସ ଦାସ, ସୁଶିଲ ମହାପାତ୍ର, ମନୋରଞ୍ଜନ ଖମାରୀ, ଭୀଷ୍ମରାଜ୍ ମେହେର, ସୁଧୀର ବେହେରା, ତ୍ରିନାଥ ବାରିକ, ଯଦୁ ସାହୁ ସପତ୍ନୀକ କର୍ତ୍ତା ଅଛନ୍ତି। ଷୋହଳ ପ୍ରହର ନାମଯଜ୍ଞରେ କର୍ତ୍ତା ରୂପେ ଭବାନୀ ଶଙ୍କର ଶର୍ମା ଓ ତାଙ୍କ ପତ୍ନୀ ଦାୟିତ୍ୱ ନିର୍ବାହ କରୁଛନ୍ତି। ରବିବାର ମଣ୍ଡପ ପ୍ରବେଶ ହୋଇଥିଲା। ସୋମବାର ରତ୍ନମୁଦ, ମଙ୍ଗଳବାର ବିଗ୍ରହ ମହାସ୍ନାନ, ବୁଧବାର ପ୍ରତିଷ୍ଠା ଓ ମନ୍ଦିର ପ୍ରବେଶ, ରାମନବମୀ ଉତ୍ସବ, ନାମଯଜ୍ଞ ଭଳି ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ଆୟୋଜକ ମୁରିବାହାଲ ସାର୍ବଜନୀନ ଶ୍ରୀରାମ ମନ୍ଦିର ନିର୍ମାଣ ଓ ପ୍ରତିଷ୍ଠା କମିଟି ସଭାପତି ରାଜୀବ କୁଅଁର, ସମ୍ପାଦକ ସୁଧାଂଶୁ ପୋଡ଼ ଯାଦବ, କୋଷାଧ୍ୟକ୍ଷ ପଦ୍ମଲୋଚନ ସାହୁ, ନାରାୟଣ ସାହୁ, ଉଦିତ କୁମାର କଟା, କେଦାର ବଡଜେନା, ରାମକୃଷ୍ଣ ଆଡଯୁଆଡ, ହୃଦାନନ୍ଦ ସାହୁ, ଲକ୍ଷ୍ମଣ ମହାରଣା, ବିଦ୍ୟାଧର ଭୋଇ, ଭିକି ମହାରଣା, ବାବୁଲାଲ କେତକି, ଶ୍ୟାମସୁନ୍ଦର ଝାଙ୍କର, ଦିନେଶ ମାହାକୁର, ଶ୍ରୀକାନ୍ତ ଭୋଇ, କରନ ଜାଲଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହେଉଛି।

ସୌରଚାଳିତ ଉଠାଜଳସେଚନ କାର୍ଯ୍ୟକ୍ଷମ କରିବାକୁ ଚୁପ୍ ଅଧିକାରୀ

# ଲଗାଇବା ଦିନଠୁ କାମ କରୁନି

ବଲାଙ୍ଗିର, ୨୨।୩(ସମିସ)





ବଲାଙ୍ଗିର ଜିଲ୍ଲାରେ ଚାଷୀଙ୍କୁ ସହାୟକ ହେଉନାହାନ୍ତି ଉଠାଜଳସେଚନ ବିଭାଗର ଅଧିକାରୀ। ଉଠାଜଳସେଚନ ବିଭାଗ ପକ୍ଷରୁ ଚାଷକାମ ପାଇଁ ଲଗାଯାଇଥିବା ସୌରଚାଳିତ ଉଠାଜଳସେଚନ ପମ୍ପ କାର୍ଯ୍ୟକ୍ଷମ ହେବା ପୂର୍ବରୁ ଅଚଳ ହୋଇପଡ଼ିଛି। ୬ ମାସ ହେଲା ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ ରାନୀକଟାର ଚାଷୀ ଦେବୀଦତ୍ତ ବାବୁ ସୌରଚାଳିତ ଉଠାଜଳସେଚନ ପମ୍ପ ସଜାଡିବା ପାଇଁ ଅଭିଯୋଗ କରୁଛନ୍ତି; କିନ୍ତୁ ନା ତାଙ୍କ କଥା ବିଭାଗୀୟ ଅଧିକାରୀ ଶୁଣୁଛନ୍ତି ନା ପ୍ରକଳ୍ପ ଲଗାଇଥିବା ଠିକାସଂସ୍ଥା ଶୁଣୁଛି। ଏହା ଫଳରେ ସେ ବାଧ ହୋଇ ଖାଉଟି ଆୟୋଗଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତେବେ ଯେଉଁ ସମୟରେ ଚାଷୀ ଜଣକ ଚାଷକାମରେ ନିଜ ସମୟ ଦେବା କଥା ସେହି ସମୟରେ ସେ ବାଧ ହୋଇ ସରକାରୀ କାର୍ଯ୍ୟାଳୟ ଦୌଡି ଦୌଡି ନୟାନ୍ତ ହେଉଥିବା ଅଭିଯୋଗ କରିଛନ୍ତି।

ଗୋଟିଏ ପଟେ ଚାଷୀଙ୍କୁ ସରକାରୀ ଅଧିକାରୀମାନେ ହଇରାଣ ନ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ବଲାଙ୍ଗିର ଜିଲ୍ଲାରେ ବିଭିନ୍ନ କାମ ପାଇଁ ଅଧିକ ହଇରାଣ ହେଉଛନ୍ତି। ଏହି ଘଟଣା ଏହାର ଏକ ଜ୍ୱଳନ୍ତ ଉଦାହରଣ। ଦେବୀଦତ୍ତ ଚାଷକାମ ପାଇଁ ୨୦୨୫ ସେପ୍ଟେମ୍ବର ୧୦ ତାରିଖରେ ଉଠାଜଳସେଚନ ବିଭାଗ ଦ୍ୱାରା ସରକାରୀ ଯୋଜନା ଅନୁସାରେ ଉଠାଜଳସେଚନ ବିଭାଗ ଓ ଓରେଡା ପକ୍ଷରୁ ସୌରଚାଳିତ ଉଠାଜଳସେଚନ ବ୍ୟବସ୍ଥା ଲଗାଇଥିଲେ। ଅଜୟ ଇନଫ୍ରା ଓ କନଷ୍ଟ୍ରକସନ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଏହି ପ୍ରକଳ୍ପ କାମ କରାଯାଇଥିଲା। ତେବେ ଯେଉଁଦିନ ବୋରୱେଲ ଖୋଲାଯାଇ ମୋଟର ଲଗାଯାଇଥିଲା ସେହିଦିନ ହିଁ ବୋରୱେଲ ଧସିଯାଇ ପାଣିମୋଟର ପୋତି ହୋଇଯାଇଥିଲା; କିନ୍ତୁ ତାହାର କୌଣସି ସମାଧାନ ନ କରି ସମ୍ପୃକ୍ତ ସଂସ୍ଥା ସେମିତି ଛାଡି ଚାଲି ଯାଇଥିଲା। ସେହିଦିନଠାରୁ ପ୍ରାୟ ୬ ମାସ ହେଲା ସମସ୍ୟାର ସମାଧାନ କରିବା ପାଇଁ ଚାଷୀ ଜଣକ ବିଭାଗୀୟ ଅଧିକାରୀଙ୍କ ଦ୍ୱାରସ୍ଥ ହେଉଛନ୍ତି। କେହି କିନ୍ତୁ ତାଙ୍କ କଥା ଶୁଣୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଏପରିକି ପ୍ରକଳ୍ପ ଲଗାଇଥିବା ସଂସ୍ଥା ସହ ମଧ୍ୟ ସେ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉ ନ ଥିବା କହିଛନ୍ତି। ଏହାଫଳରେ ସେ ବାଧ ହୋଇ ଏହି ମାମଲାର ବିଚାର ପାଇଁ ସେ ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗର

- ୬ମାସ ହେଲା ଗୁହାରି କରୁଛନ୍ତି ଚାଷୀ
- ଶେଷରେ ଖାଉଟି ଆୟୋଗଙ୍କ ଦ୍ୱାରସ୍ଥ

ଦ୍ୱାରସ୍ଥ ହୋଇଛନ୍ତି। ସେ ଏହି ପ୍ରକଳ୍ପ ପାଇଁ ମାନସିକ ଓ ଆର୍ଥିକ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ବିଭାଗୀୟ ଅଧିକାରୀଙ୍କ ସହଯୋଗ ନ ମିଳିବା ତାଙ୍କୁ ଆହୁରି କଷ୍ଟ ଦେଇଥିବା ସେ ଅଭିଯୋଗ କରିଛନ୍ତି।

ବିଶ୍ୱ କବିତା ଦିବସ ଅବସରରେ ବହୁଭାଷୀ କବି ସମ୍ମିଳନୀ

# କବିତା ମନ, ହୃଦୟ ଓ ସମାଜର କଥା କହେ



ବଲାଙ୍ଗିର, ୨୨।୩(ସମିସ): କବିତା ମନ, ହୃଦୟ ଏବଂ ସମାଜର କଥା କହେ। କବିତା ଭିତରେ ଥାଏ ମଣିଷର କୋହ, ଲୁହ, କ୍ଷୋଭ, ଅଭିମାନ ପୁଣି ଆତ୍ମସନ୍ତୋଷର ଭାବ। ଗୋଟିଏ ସମାଜର ସଂସ୍କୃତି, ଲୋକକଥା, ପର୍ବପର୍ବାଣି ଓ ସାମାଜିକ ଚଳଣିର ଚିତ୍ର କବିତା ପଢ଼ିଲେ ଜାଣିହୁଏ। ବଲାଙ୍ଗିରର ଅଗ୍ରଣୀ ସାହିତ୍ୟ, ସାମାଜିକ-ସାଂସ୍କୃତିକ ଅନୁଷ୍ଠାନ ରଚନା ଓ ଜିଲ୍ଲା ସାମ୍ବାଦିକ ସଙ୍ଘ ଦ୍ୱାରା ସ୍ଥାନୀୟ ସାମ୍ବାଦିକ ଭବନରେ ବିଶ୍ୱ କବିତା ଦିବସ ଉପଲକ୍ଷେ ଆୟୋଜିତ ବହୁଭାଷୀ କବି ସମ୍ମିଳନୀରେ ଏହି ମତ ପ୍ରକାଶ ପାଇଛି। କୋଶଳ ପ୍ରବାହର ସମ୍ପାଦକ କବି ଆନନ୍ଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ଯୁବକବି ଗଣେଶ ବାରିକ, ଯୋଗେଶ୍ୱରୀ ଦାଶ ଏବଂ ରମାକାନ୍ତ ନାଏକ ଯୋଗଦେଇ 'ମୋ ପାଇଁ କବିତା' ବିଷୟରେ କହିଥିଲେ। ପିଲାଦିନରୁ ଏମାନେ କିପରି କବିତା ପ୍ରତି ଆକୃଷ୍ଟ ହୋଇଥିଲେ ଓ ଏବେ ନିଜ ଭାବନାକୁ କବିତାରେ ଉତାରି ପାରୁଛନ୍ତି ତାହା କହିଥିଲେ। ଏହି ଅବସରରେ କବି ଆଲୋକ ହୋତାଙ୍କ କୋଶଲି କବିତା ସଂକଳନ 'ବଏଲା ହୋ' ଉନ୍ମୋଚିତ ହୋଇଥିଲା। ଏହି ଉନ୍ମୋଚନ ପର୍ବରେ ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟା କବି ଡାକ୍ତର ଜ୍ୟୋତିର୍ମୟୀ ସାହୁ ଯୋଗଦେଇ କବିତାର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କବି ସସ୍ମିତା ନେପାକ ସଭା ପରିଚାଳନା କରିଥିଲେ। ରଚନାର ସଭାପତି ସନାତନ ଠାକୁର ଧନ୍ୟବାଦ ଦେଇଥିଲେ। କବି ଲିଲି ପଟେଲ ଏବଂ ରାଜୀବ ଲୋଚନ ଆଚାର୍ଯ୍ୟଙ୍କ ସଂଯୋଜନାରେ ବହୁଭାଷୀ କବିତା ଆସର ଅନୁଷ୍ଠିତ ହୋଇଥିଲା। ରଚନାର ସହସମ୍ପାଦକ କବି ରତ୍ନମୟ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।






# ଉମେଶ ପଣ୍ଡା ଓଡ଼ିଶା ବ୍ରାହ୍ମଣ ମହାସଂଘର ରାଜ୍ୟ ଯୁଗ୍ମ ସମ୍ପାଦକ

**ଭବାନୀପାଟଣା, ୨୨।୩ (ସମିସ):** ଭୁବନେଶ୍ୱରସ୍ଥିତ ଓଡେସା ଭବନରେ ଓଡ଼ିଶା ବ୍ରାହ୍ମଣ ମହାସଂଘ ପକ୍ଷରୁ ୨୧ ଓ ୨୨ ତାରିଖ ଦୁଇଦିନ ବ୍ୟାପି ରାଷ୍ଟ୍ରୀୟ ବ୍ରାହ୍ମଣ ସମ୍ମିଳନୀ ଆୟୋଜିତ ହୋଇଥିଲା। ମହାସଂଘର ସ୍ୱାଗତ ସମିତିର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ କର୍ଣ୍ଣାଟକ ଉଡୁପିର ସ୍ୱାମୀ ସୁଗୁଣେନ୍ଦ୍ର ତୀର୍ଥ, ରାଷ୍ଟ୍ରୀୟ ବ୍ରାହ୍ମଣ ମହାସଂଘର ଅଧ୍ୟକ୍ଷ ଡ଼ ଗୋବିନ୍ଦ କୁଲକର୍ଣ୍ଣି, ପଦ୍ମଶ୍ରୀ ଡା ଅଶୋକ ମହାପାତ୍ର, ଅଖିଳ ଭାରତ ବ୍ରାହ୍ମଣ ସଂଗଠନର ଅଧ୍ୟକ୍ଷ ଡ. ବିପିନ ମିଶ୍ର ଅତିଥି ଭାବରେ ଯୋଗ ଦେଇଥିଲେ। ଓଡ଼ିଶା ବ୍ରାହ୍ମଣ ମହାସଂଘର ସଭାପତି ଡ. ସଦାନନ୍ଦ ଦୀକ୍ଷିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଓଡ଼ିଶା ବ୍ରାହ୍ମଣ ମହାସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ବ୍ରାହ୍ମଣ ସମାଜ କଳାହାଣ୍ଡିର ଜିଲ୍ଲା ସମ୍ପାଦକ ଉମେଶ ଚନ୍ଦ୍ର ପଣ୍ଡାଙ୍କୁ ଓଡ଼ିଶା ବ୍ରାହ୍ମଣ ମହାସଂଘର ରାଜ୍ୟ ଯୁଗ୍ମ ସମ୍ପାଦକ ଭାବରେ ମନୋନୀତ କରାଯାଇଥିଲା। ଏହି ରାଷ୍ଟ୍ରୀୟ ସମ୍ମିଳନୀରେ ବ୍ରାହ୍ମଣ ସମାଜ କଳାହାଣ୍ଡିର ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର, ପର୍ଶୁରାମ ସେନାର ଜିଲ୍ଲା ସଂଯୋଜକ ପ୍ରଶାନ୍ତ ଠାକୁର, ବରିଷ୍ଠ ସଦସ୍ୟ ରାଜେନ୍ଦ୍ର ମହାପାତ୍ର ଓ ପ୍ରଜ୍ଞା ବାହିନୀ ସଦସ୍ୟା ସୁନୀତି ମୁଣ୍ଡ କଳାହାଣ୍ଡି ଜିଲ୍ଲାରୁ ଅଂଶ ଗ୍ରହଣ କରିଥିଲେ। ରାଜ୍ୟ ଯୁଗ୍ମ ସମ୍ପାଦକ ଭାବରେ ମନୋନୀତ ହୋଇ ଥିବାରୁ ଶ୍ରୀ ପଣ୍ଡାଙ୍କୁ ବ୍ରାହ୍ମଣ ସମାଜ କଳାହାଣ୍ଡିର ଉପସଭାପତି ଗଜେନ୍ଦ୍ର ପ୍ରସାଦ ପାଢ଼ୀ, ସଂଗଠନ ସମ୍ପାଦକ ଭବେନ୍ଦ୍ର କୁମାର ପଣ୍ଡା, ନଗର ସଭାପତି ସୁରେନ୍ଦ୍ର ପ୍ରସାଦ ନେଗୀ ଓ ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ଖମାରୀ ଓ ଜିଲ୍ଲାର ବିଭିନ୍ନ ବ୍ଲକ ବ୍ରାହ୍ମଣ ସମାଜର କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।



# ଅନିଶ୍ଚିତତାରେ ଭବାନୀପାଟଣା ଷ୍ଟେସନ ନବୀକରଣ

**ଭବାନୀପାଟଣା, ୨୨।୩ (ସମିସ)**

ଅମୃତ ଭାରତ ଷ୍ଟେସନ ଯୋଜନାରେ ସାମିଲ ହୋଇଥିବା କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ରେଲଷ୍ଟେସନର ନବୀକରଣ କାର୍ଯ୍ୟ ଚାଲିଛି। ଷ୍ଟେସନର ରୂପାନ୍ତରିତ ସହିତ ବିଭିନ୍ନ ଆନୁଷଙ୍ଗିକ ସୁବିଧା ପ୍ରତି ଧ୍ୟାନ ଦିଆଯିବ ବୋଲି ରେଲମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା। ତେବେ ନିର୍ମାଣ କାର୍ଯ୍ୟରେ ମନ୍ଥର ଯୋଗୁଁ ପ୍ରତିଦିନ ରେଳ ସେବା ଉପଲବ୍ଧ କରୁଥିବା ଯାତ୍ରୀମାନଙ୍କୁ ଘୋର ସମସ୍ୟାକୁ ସମ୍ମୁଖୀନ ହେବାକୁ ପଡୁଛି। ଏପରିକି ବରିଷ୍ଠ ନାଗରିକଙ୍କ ପକ୍ଷରେ ଅଧିକ କଷ୍ଟଦାୟକ ପରିସ୍ଥିତି ଉପୁଜୁଥିବା ଲକ୍ଷ୍ୟ କରାଯାଇଛି। ୨୦୨୫ ମାର୍ଚ୍ଚ ମାସ ସୁଦ୍ଧା ଷ୍ଟେସନ ନିର୍ମାଣ ସମ୍ପୂର୍ଣ୍ଣ ହେବବୋଲି ଶୁଣିବାକୁ ମିଳୁଥିଲା କିନ୍ତୁ ଆଉ ଗୋଟିଏ ମାର୍ଚ୍ଚ ମାସ ଶେଷ ହେବାକୁ ଯାଉଛି। ଏଯାବତ ଯେଉଁ ବଳକା କାର୍ଯ୍ୟ ରହିଛି ତାହା ବର୍ଷ ଶେଷରେ ସରିବ କି ନାହିଁ କହିହେବ ନାହିଁ। ତଥାପି ଦାୟିତ୍ୱରେ ଥିବା ରେଳବିଭାଗ ଯନ୍ତ୍ରୀ ଆଶ୍ୱାସନା ଦେଇ କହିଛନ୍ତି ଯେ ଚଳିତବର୍ଷ ଏପ୍ରିଲ ୩୦ସୁଦ୍ଧା ଷ୍ଟେସନ ନିର୍ମାଣ କାର୍ଯ୍ୟ ସବୁ ପ୍ରକାର ଚେଷ୍ଟା ଭିତରେ ସମ୍ପନ୍ନ କରାଯିବ। ଯନ୍ତ୍ରୀଙ୍କ ଏହି ଅନୁମାନ କେତେଦୂର ସଫଳ ହେବ ଆଗକୁ ଜଣାପଡ଼ିବ। ଭବାନୀପାଟଣା ରେଳ ଷ୍ଟେସନ ନିର୍ମାଣର ଖର୍ଚ୍ଚ ଅଟକଳ ପ୍ରଥମ ପର୍ଯ୍ୟାୟରେ ୧୯ କୋଟି ୫୦ଲକ୍ଷ ଟଙ୍କା ରହିଥିଲା। ଏବେ କେତେ ବୃଦ୍ଧି ପାଇଛି ସେନେଇ ସଠିକ ତଥ୍ୟ ଯନ୍ତ୍ରୀ ଦେଇନାହାନ୍ତି। ଇତିମଧ୍ୟରେ ବିଳମ୍ବିତ ନିର୍ମାଣ କାର୍ଯ୍ୟ ପାଇଁ ଠିକାଦାର ବଦଳା ଯାଇଛି। ରିଭାଇଜ ଏଷ୍ଟିମେଟ କରାଯାଇଥିବା ଜଣାପଡ଼ିଛି। ନିର୍ମାଣ କାର୍ଯ୍ୟରେ ଯେତିକି ବିଳମ୍ବ ଘଟିବା ଏବଂ ନିର୍ମାଣ କ୍ଷେତ୍ରରେ ଉନ୍ନତମାନ କାର୍ଯ୍ୟ ଉପରେ ବିଶ୍ୱାସ ହରାଇବାକୁ ପଡୁଛି ବୋଲି ଅନେକ ମତ ରଖିଛନ୍ତି। ଗତ ଦୁଇ ବର୍ଷ ଧରି ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକଙ୍କ ଠାରୁ ଆରମ୍ଭ କରି ବହୁ ଅଧିକାରୀ ଭବାନୀପାଟଣା ରେଳ ଷ୍ଟେସନ ନିର୍ମାଣର ସ୍ଥିତି ପ୍ରତି ଅନୁଧ୍ୟାନ କରି ଯାଉଛନ୍ତି କିନ୍ତୁ ଫଳ ଶୂନ। ଭବାନୀପାଟଣା ରେଳ ଷ୍ଟେସନ ପରିଦର୍ଶନ କରିବା ସହିତ ବିଭାଗୀୟ ଅଧିକାରୀଙ୍କ ସହ ଜିଲ୍ଲାର ବିଭିନ୍ନ ରେଳ ସମସ୍ୟା ସମ୍ପର୍କରେ ଟିକିନିଖି ଆଲୋଚନା ମଧ୍ୟ ହୋଇଛି। ସେହିପରି ଇଷ୍ଟକୋଷ୍ଟ ରେଲୱେ ଜିଏମ୍ ପରମେଶ୍ୱର ଫଙ୍କୱାଲଙ୍କୁ କଳାହାଣ୍ଡି ରେଳଯାତ୍ରୀ ସଂଘ ପକ୍ଷରୁ ସାକ୍ଷାତ କରି କଳାହାଣ୍ଡି ଓ ନୂଆପଡ଼ା ରେଲଷ୍ଟେସନର ବିଭିନ୍ନ ସମସ୍ୟା ଉପରେ ସବିଶେଷ ଆଲୋଚନା କରିଛନ୍ତି। ଜିଲ୍ଲାର ରେଳ ସେବା କ୍ଷେତ୍ରରେ ଜୁନାଗଡ଼ - ଭୁବନେଶ୍ୱର ରେଳକୁ ପୁରୀ ପର୍ଯ୍ୟନ୍ତ ସମ୍ପ୍ରସାରଣ, ନର୍ଲା ଜମି ସମ୍ବନ୍ଧିତ ସମସ୍ୟାକୁ ସମାଧାନ କରି ନର୍ଲା ଲୋକମୋଟିଭ ପ୍ରୋଜେକ୍ଟକୁ ଅତିଶୀଘ୍ର ଆରମ୍ଭ କରିବା, କେସିଙ୍ଗା ଷ୍ଟେସନରେ ଉଭୟ ଏକ୍ସପ୍ରେସ ଏବଂ ପାସେଞ୍ଜର ଟ୍ରେନର ରହଣି ସମୟକୁ ବୃଦ୍ଧି କରିବାଭଳି ବହୁ ଦାବି ରଖାଯାଇଛି। କଳାହାଣ୍ଡି ସାଂସଦ ମାଳବିକା ଦେବୀ ସଂସଦରେ କଳାହାଣ୍ଡି ଓ ନୂଆପଡ଼ାର ରେଳ ସେବାରେ ବିକାଶ ପାଇଁ ନିଜ ବକ୍ତବ୍ୟ ରଖି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଳାହାଣ୍ଡି ସାଂସଦ କ୍ଷେତ୍ର କଳାହାଣ୍ଡି ନୂଆପଡ଼ା ଜିଲ୍ଲାର ଅନେକ ରେଳ ପରିଯୋଜନାରେ ଜୁନାଗଡ଼ ନବରଙ୍ଗପୁର ରେଳ ଲାଇନ୍ ନିର୍ମାଣ ବେଳେ ଧର୍ମଗଡ଼ ଠାରେ ସଂଯୋଗ କରିବା, କଣ୍ଟାବାଞ୍ଜି ଠାରୁ ଧର୍ମଗଡ଼କୁ ଭାୟା ଖଡିଆଳ ଦେଇ ରେଳପଥ ନିର୍ମାଣ କାର୍ଯ୍ୟ ଶୀଘ୍ର ଚାଲୁ କରିବା ଏବଂ ବିଶେଷ ଗୁରୁତ୍ୱ ଦେଇ କେନ୍ଦ୍ର ଜନଜାତି ଗୌରବ କରିଡ଼ରକୁ ସମ୍ପ୍ରସାରଣ କରି ଭଦ୍ରାଚଳମ୍‌ରୁ ଜୁନାଗଡ଼ ଖଡିଆଳ, ସିନାପାଲି କୋମନା ଦେଇ ନୂଆପଡ଼ା ଏବଂ ଖଡିଆଳ କଣ୍ଟାବାଞ୍ଜି ପାଟଣାଗଡ଼ ଦେଇ ବଲାଙ୍ଗିରକୁ ସଂଯୋଗ କରିବା ପାଇଁ ଦାବି ରଖିଥିଲେ। ଯାହାଦ୍ୱାରା ତିନି ପ୍ରମୁଖ ରାଜ୍ୟ ଓଡ଼ିଶା, ଛତିଶଗଡ଼ ଏବଂ ଆନ୍ଧ୍ରପ୍ରଦେଶକୁ ସିଧାସଳଖ ସଂଯୋଗ କରିବ ବୋଲି ନିଜ ମତ ଉପସ୍ଥାପନ କରିଥିଲେ। ନୂଆପଡ଼ା ବରଗଡ଼ ରେଳପଥ ଶୀଘ୍ର ପଦକ୍ଷେପ ପାଇଁ ଦାବି କରିଥିଲେ। ନୂତନ ରେଳ ଦାବି କରିଥିବା ବେଳେ ଅନେକ ପୁରୁଣା ଦାବି ମଧ୍ୟ ପୁନଃର୍ବାର ଦାବି ସ୍ମରଣ କରାଇଛନ୍ତି। ଭବାନୀପାଟଣା ଓ ଜୁନାଗଡ଼



**ଯାତ୍ରୀଙ୍କ ଅଶାନ୍ତି ବଢ଼ାଉଛି ବିଳମ୍ବିତ ନିର୍ମାଣ କାମ**

ରେଲୱେ ଷ୍ଟେସନରେ ଦ୍ୱିତୀୟ ନଂ ପ୍ଲାଟଫର୍ମ ନିର୍ମାଣ ପ୍ରମୁଖ ଦାବିକୁ ରେଳ ମନ୍ତ୍ରାଳୟ ବିଚାର କରି ଭବାନୀପାଟଣାରେ ଦ୍ୱିତୀୟ ପ୍ଲାଟଫର୍ମ ନିର୍ମାଣ ପାଇଁ ଗ୍ରୀନ୍ ସିଗିନାଲ ଦେଇଛନ୍ତି। ଭବାନୀପାଟଣା ରେଳ ଷ୍ଟେସନର ଉନ୍ନୟନ କ୍ଷେତ୍ରରେ ୧୯ କୋଟି ୫୦ ଲକ୍ଷ ଟଙ୍କାର ବିନିଯୋଗ ଓ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଦୈନିକ ହଜାର ହଜାର ଯାତ୍ରୀଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଜିଲ୍ଲାରେ ଦୁଇ ଦୁଇ ଜଣ ସାଂସଦ ଏବେ ଅଛନ୍ତି। ଭବାନୀପାଟଣା ଷ୍ଟେସନ ସମେତ ଜିଲ୍ଲାର ରେଳ ବିକାଶ ପାଇଁ କି ପ୍ରକାର ଆନ୍ତରିକତା ରହିଛି ତାହା ଆଗାମୀ ଦିନରେ ଜାଣିହେବ।

# ସିନାପାଲି ଉଦନ୍ତି ମହୋତ୍ସବ ଲାଗି ପ୍ରସ୍ତୁତି

**ସିନାପାଲି, ୨୨। ୩(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକରେ ଆସନ୍ତା ୨୭ତାରିଖରୁ ତିନିଦିନ ଧରି ସିନାପାଲି ଉଦନ୍ତି ମହୋତ୍ସବ ହେବ। ଏନେଇ ମହୋତ୍ସବ କମିଟି ତରଫରୁ ସିନାପାଲି ହାଇସ୍କୁଲ ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀ ହୋଇଥିଲା। ଉଦନ୍ତି ମହୋତ୍ସବ କମିଟି ସଭାପତି ପ୍ରିୟରଞ୍ଜନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ କମିଟି ଉପଦେଷ୍ଟା ବୈଶମ୍ପାୟନ ମେହେର, ଡମ୍ବରୁଧର ମେହେର, ତୁଳସିରାମ ମେହେର, ରବୀନ୍ଦ୍ରନାଥ ଯୋଶୀ, ସମ୍ପାଦକ ସୁରଜ ମେହେର, କୋଷାଧ୍ୟକ୍ଷ ଦିବ୍ୟରଞ୍ଜନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। କମିଟି କୋଷାଧ୍ୟକ୍ଷ ଶ୍ରୀ ନାଏକ ଅତିଥି ପରିଚୟ ତଥା ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ଏହି ମହୋତ୍ସବ ଉଦ୍ଦେଶ୍ୟ ନେଇ ମଞ୍ଚାସୀନ ଅତିଥିମାନେ ନିଜନିଜର ମତ ପ୍ରକାଶ କରିଥିଲେ। ମହୋତ୍ସବ ଏହି ଅଞ୍ଚଳର ଏକ ଭାଇଚାରାର ପର୍ବ ହୋଇଥିବା ବେଳେ କଳା ଓ ସାହିତ୍ୟ ପର୍ବ ଅଟେ। ୨୦୦୬ରେ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଆଜକୁ ୨୧ବର୍ଷକୁ ପଦାର୍ପଣ କରି ସାରିଛି। ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀ ଠାରୁ ଆରମ୍ଭ କରି ଅଞ୍ଚଳର କଳାକାର ଏଠାରେ ନିଜର କଳା ପଦର୍ଶନ କରିଛନ୍ତି। ଅନେକ ଲୋକେ ସମ୍ମାନିତ ହେଉଛନ୍ତି। ପୁଲିସ ପ୍ରଶାସନର କଡ଼ା ସୁରକ୍ଷା ସାଙ୍ଗକୁ କମିଟି ଭୋଲେଣ୍ଟିୟର ଭାବେ ୧ଶହରୁ ଅଧିକ ସଦସ୍ୟ ସୁରକ୍ଷା ଦାୟିତ୍ୱରେ ରହିବେ। ଶ୍ରୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।




# ଲାଞ୍ଚ ମାମଲା: ଗୋଲାମୁଣ୍ଡା ଥାନା ପୂର୍ବତନ ଏଏସ୍ଆଇ ନିର୍ଦ୍ଦୋଷରେ ଖଲାସ

**ଭବାନୀପାଟଣା, ୨୨।୩(ସମିସ):** ଜମିଜମା ଘଟର୍କୁ ନେଇ ହୋଇଥିବା ଏକ ମାର୍‌ପିଟ ଏକ ମାମଲାରେ ଗୋଲାମୁଣ୍ଡା ଥାନା ପୂର୍ବତନ ଏଏସ୍ଆଇ ରାଜକପୁର ବେହେରା ଦଶ ହଜାର ଟଙ୍କା ଲାଞ୍ଚ ନେବା ଘଟଣାର ଚୂଡ଼ାନ୍ତ ରାୟ ପ୍ରକାଶ କରି ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବଦ୍ରୀ ନାରାୟଣ ନନ୍ଦ। ଉପଯୁକ୍ତ ପ୍ରମାଣ ଅଭାବରୁ ଅଭିଯୁକ୍ତ ଏଏସ୍ଆଇଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୧୯ ଜୁନ୍ ୨୫ ତାରିଖରେ ଗୋଲାମୁଣ୍ଡା ଥାନା ଅଧୀନ ଡୁଡ଼କେଲ ଗ୍ରାମର ତ୍ରିନାଥ ନାଏକ ଓ ସେହି ଗ୍ରାମର ଦୟାନିଧି ଭତ୍ରିଆଙ୍କ ପରିବାର ମଧ୍ୟରେ ଜମିଜମା ବିବାଦକୁ ନେଇ ମାର୍‌ପିଟ ହୋଇଥିଲା। ଏ ସମ୍ପର୍କରେ ତ୍ରିନାଥ ନାଏକ ଗୋଲାମୁଣ୍ଡା ଥାନାରେ ଏତଲା ଦେଇଥିଲେ। ପରବର୍ତ୍ତୀ ସମୟରେ ଦୟାନିଧି ଭତ୍ରିଆ ମଧ୍ୟ ଅନୁରୂପ ଏତଲା ଦେଇଥିଲେ। ତେବେ ଏଏସ୍ଆଇ ଏହି ମାମଲାରେ ତ୍ରିନାଥ ନାଏକଙ୍କୁ ଚାରିଦିନ ଥାନାରେ ଅଟକ ରଖି ୨୦୧୯ ଜୁଲାଇ ୯ ତାରିଖରେ କୋର୍ଟ ଚାଲାଣ କରିଥିଲେ। ଜୁଲାଇ ୧୬ ତାରିଖରେ ବେଲ୍‌ରେ ତ୍ରିନାଥ ନାଏକ ବାହାରିବା ପରେ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ ଓ ଟଙ୍କା ନଦେଲେ ତାଙ୍କ ପରିବାର ଅନ୍ୟ ସଦସ୍ୟମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବି ବୋଲି ଧମକ ଦେଇଥିଲେ। ଏ ସମ୍ପର୍କରେ ତ୍ରିନାଥ ନାଏକ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଭିଜିଲାନ୍ସ ଜାଲରେ ଏଏସ୍ଆଇ ଧରାପଡ଼ି କୋର୍ଟ ଚାଲାଣ ହୋଇଥିଲେ। ତେବେ ଉପଯୁକ୍ତ ପ୍ରମାଣ ଅଭାବରୁ ଅଭିଯୁକ୍ତ ଏଏସ୍ଆଇ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ କ୍ଷୀରୋଦ ପ୍ରସାଦ ନେଗୀ ମାମଲା ପରିଚାଳନା କରୁଥିଲେ।

# ଜନଗଣନା ଅଧିକାରୀଙ୍କ ତାଲିମ ଶିବିର ଉଦ୍‌ଯାପିତ



**କେସିଙ୍ଗା, ୨୨।୩(ସମିସ):** ସ୍ଥାନୀୟ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜନଗଣନା ଅଧିକାରୀ ଏବଂ ପର୍ଯ୍ୟବେକ୍ଷକଙ୍କ ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଟାଉନ ସେନସସ୍ ଚାର୍ଜ ଅଫିସର ଚିନ୍ମୟ ଆଚାର୍ଯ୍ୟ ତତ୍ତ୍ୱାବଧାନ କରିଥିଲେ। ପ୍ରଥମ କରି ଏହି ଜନଗଣନା ଏକ ନୂଆ ରୂପରେ ଯାହାକି ଡିଜିଟାଲ ମୋଡ୍‌ରେ କରାଯିବ ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ଉମେଶ ଚନ୍ଦ୍ର ଜେନା ଏବଂ ସୁନୀଲ କୁମାର ଜେନା ପ୍ରଶିକ୍ଷଣ ଦେଇଥିଲେ।

# ସାମ୍ବାଦିକଙ୍କୁ ପ୍ରାଣୀଧନ ଅଧିକାରୀଙ୍କ ଧମକ

**ଥୁଆମୂଳ ରାମପୁର, ୨୨। ୩(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକରେ ଥିବା ପ୍ରାଣୀ ବିଭାଗରେ ଦୁର୍ନୀତି ହେଉଥିବା ନେଇ ଜଣେ ସାମ୍ବାଦିକ ଗଣମାଧ୍ୟମରେ ଖବର ପ୍ରକାଶ କରିବା ପରେ ଥୁଆମୂଳ ରାମପୁର ଅଞ୍ଚଳର ଜଣେ ସ୍ଥାନୀୟ ସାମ୍ବାଦିକଙ୍କୁ ଗାଳିଗୁଲଜ ସହ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସାମ୍ବାଦିକଜଣକ ଥାନାର ଆଶ୍ରୟ ନେଇଛନ୍ତି। ଅଭିଯୋଗ ଅନୁସାରେ, ସ୍ଥାନୀୟ ବାସିନ୍ଦା ଏବଂ ସାମାଜିକ ଗଣମାଧ୍ୟମ ପ୍ରତିନିଧି କୈଳାଶ ଛତ୍ରିଆ ଜାଗେସପଦରକୁ ଯାଇଥିବାବେଳେ ଥୁଆମୂଳ ରାମପୁର ବ୍ଲକର ଭେଟନାରୀ ଅଧିକାରୀ ଛବିଳ ମାଝୀ ଏବଂ ସହକର୍ମୀ ସଞ୍ଜୟ କାଲସି ତାଙ୍କୁ ରାସ୍ତାରେ ଅଟକାଇ ଗାଳିଗୁଲଜ କରିଥିବା ଭଳି ବିଷୟ ଅଭିଯୋଗ ପତ୍ରରେ ଉଲ୍ଲେଖ ହୋଇଛି। ଏହା ସହିତ ସେମାନେ ସାମ୍ବାଦିକଙ୍କୁ ନ୍ୟୁଜ୍ ପ୍ରକାଶ ଓ ସୂଚନା ଅଧିକାର ତଥ୍ୟ ମାଗିବାକୁ ନେଇ ଅସନ୍ତୋଷ ପ୍ରକାଶ କରି, ଜୀବନରେ ମାରି ଦେବା ସହିତ ମିଥ୍ୟା ମାମଲାରେ ଫସାଇଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ପୀଡ଼ିତଙ୍କ କହିବା ଅନୁସାରେ, ଏହି ଘଟଣା ପରେ ସେ ନିଜ ଜୀବନ ପ୍ରତି ଆଶଙ୍କା ଅନୁଭବ କରୁଛନ୍ତି ଏବଂ ଘଟଣାର ସଠିକ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଥାନା ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି।

# କଳାରୁଦ୍ର ଯୁବକ ସଂଘ ପକ୍ଷରୁ ସଫେଇ

**କର୍ଲାମୁଣ୍ଡା, ୨୨।୩(ସମିସ):** କର୍ଲାମୁଣ୍ଡା ବ୍ଲକ କୁଶୁର୍ଲା ହଜାରୀପଡ଼ା କଳାରୁଦ୍ର ଯୁବକ ସଂଘ ପକ୍ଷରୁ ସହିଦ ହୋଇଥିବା ତିନି ସ୍ୱାଧୀନତା ବିପ୍ଳବୀ ଭଗତ ସିଂହ, ସୁଖଦେବ ଏବଂ ରାଜଗୁରୁଙ୍କ ଉଦ୍ଦେଶ୍ୟରେ ଶାନ୍ତିବନ ପୋଖରୀ, ନଳକୂଅ ଓ ବଣଭୂଜି ପରିସର ସଫେଇ କରାଯାଇଥିଲା। ଅତିଥି ଭାବେ ହରଗୌରୀ ମହାବିଦ୍ୟାଳୟ କୁଶୁର୍ଲା ଶିକ୍ଷାବିଭାଗ ଅଧ୍ୟାପିକା ଜ୍ୟୋତିମାଳ ରାଉତ, ମୁଡିଙ୍ଗର ପୂର୍ବତନ ସରପଞ୍ଚ ଟଙ୍କଧର ନାଏକ, ପ୍ରକୃତି ବନ୍ଧୁ ସନତ କୁମାର ସାହୁ ଉପସ୍ଥିତ ଥିବାବେଳେ ଅନୁଷ୍ଠାନର ସଭ୍ୟା ନିବେଦିତା ପ୍ରିୟଦର୍ଶିନୀ ସାହୁ, ରେଖାଞ୍ଜଳି ସାହୁ, ଝିଲିରାଣୀ ସାହୁ, ରଶ୍ମୀତା ସାହୁ, ସୁମିତ୍ରା ସାହୁ, ଲଳିତ ସାହୁ, ନୀଳକଣ୍ଠେଶ୍ୱର ସାହୁ, ଠାକୁର ସାହୁଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।




# ଯୁବ ଓ ମହିଳା ଯାଦବ ସମାଜର କର୍ମକର୍ତ୍ତା ଚୟନ

**କୋକସରା, ୨୨।୩(ସମିସ) :** କୋକସରା ବ୍ଲକ ସଦର ପଞ୍ଚାୟତ ଚିଲିଗୁଡା ସ୍ଥିତି ବ୍ଲକ ଯାଦବଭବନ ଠାରେ ରବିବାର ବ୍ଲକ ଯାଦବ ସମିତିର ଯୁବ ଓ ମହିଳା ବିଭାଗର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। କୋକସରା ବ୍ଲକ ଯାଦବ ସମିତିର ସଭାପତି ଦ୍ୱାରିକାନାଥ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମରେ ଜନ୍ମେଜୟ ଯାଦବ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସର୍ବସମ୍ମତି କ୍ରମେ ବ୍ଲକ ଯୁବ ଯାଦବ ସଭାପତି ଭାବରେ ଯୋଗେନ୍ଦ୍ର ହଂସ ମନୋନୀତ ହୋଇଥିଲ। ଉପ ସଭାପତି ଚନ୍ଦ୍ର ଗୋପାଳ, ଅଭିମନ୍ୟୁ ବାଗ ଓ ଦୁଷ୍ମନ୍ତ ଗହିର, ସମ୍ପାଦକ କାଳିକୃଷ୍ଣ ବାଗ, ସହ ସମ୍ପାଦକ ଡିଙ୍ଗର ଗହିର, ଭଜନଲାଲା ନାଗ ଓ ଦେବେନ୍ଦ୍ର ଘି, କୋଷାଧ୍ୟକ୍ଷ ଭାବରେ ମନୋଜ ରାଉତ ପ୍ରମୁଖ ମନୋନୀତ ହୋଇଥିଲେ। ସେହିପରି ମହିଳା ଯାଦବ ସମିତିର ସଭାନେତ୍ରୀ ଭାବେ ହରିପ୍ରିୟା ନାଗ, ସମ୍ପାଦିକା ବୃନ୍ଦା ପାତ୍ର, କୋଷାଧ୍ୟକ୍ଷ ସଞ୍ଜୁ ଗୋପାଳ ମନୋନୀତ ହୋଇଥିଲେ। ଏବଂ ଯାଦବ ସମିତିର ମିଡିଆ ସଂଯୋଜକ ଭାବେ ଜଗଦୀଶ ନାଏକଙ୍କୁ ଘୋଷଣା କରାଯାଇଛି। ନୂତନ ସମସ୍ତ ପଦାଧିକାରୀଙ୍କୁ ଭଗବାନ ଶ୍ରୀକୃଷ୍ଣଙ୍କ ପାଖରେ ଶପଥପାଠ କରାଯାଇଥିଲା। ଆଗାମୀ ଦିନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ କରିବା ପାଇଁ ନିଷ୍ପତ୍ତି କରାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଯାଦବ ମହାସଭାର ସଭାପତି ଶ୍ରୀବାଗ ସମେତ ସମ୍ପାଦକ ବିଦ୍ୟାଧର ଗହୀର, ଉପସଭାପତି ଲିଙ୍ଗରାଜ ବେହେରା, କୋଷାଧ୍ୟକ୍ଷ ଗଣେଶ୍ୱର ପୁଞ୍ଜି, କାର୍ଯ୍ୟକାରୀ ସଭାପତି ସୁଦର୍ଶନ ବେହେରା, କର୍ମଚାରୀ ସଂଘ ସଭାପତି ପ୍ରେମଚାନ୍ଦ ଗୋପାଳ, ସମ୍ପାଦକ ଭାଗବତ କଟା, କୋଷାଧ୍ୟକ୍ଷ ସୁଧୀର ନାଗ, ସମାଜର ବରିଷ୍ଠ ନେତୃତ୍ୱ ପୂର୍ବତନ ବିଧାୟକ ମୌଷଧି ବାଗ, ଜିଲ୍ଲା ମହିଳା ସଭାନେତ୍ରୀ ରଶ୍ମୀରେଖା ରାଉତଙ୍କ ସମେତ ବ୍ଲକର ୨୦ଟି ଆଞ୍ଚଳିକ ଯାଦବ ସମାଜର ସଭାପତି, ସମ୍ପାଦକ, ଯୁବ ଓ ମହିଳା ଯାଦବ କର୍ମକର୍ତ୍ତା ଯୋଗଦେଇ ଥିଲେ।



# ୧୧ରେ 'ନଅ' ଶମ୍ଭୁ ମିଳନ

**ମ.ରାମପୁର, ୨୨।୩(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ଅଞ୍ଚଳରେ ଦୀର୍ଘ ଏକ ଶହ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାମନା ଦଣ୍ଡ ସଂସ୍କୃତିର ଉପାସନା ହୋଇଆସୁଛି। ଅପ୍ରିଲ ୧୧ରେ ମ.ରାମପୁର ଅଞ୍ଚଳରେ ହେଉଥିବା ନଅଟି ଦଣ୍ଡ ପୀଠକୁ ନେଇ ନଅ ଶମ୍ଭୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ଏକ ପ୍ରସ୍ତୁତି ବୈଠକ ପଞ୍ଚାୟତ ସଭା ଗୃହରେ ଆୟୋଜକ ଅନୁଷ୍ଠାନ ଆଞ୍ଚଳିକ କାମନା ଦଣ୍ଡ ସାଂସ୍କୃତିକ ପରିଷଦ ତରଫରୁ ଅନୁଷ୍ଠିତ ହୋଇ ଯାଇଛି। ପରିଷଦର ସଭାପତି ରୁଦ୍ର ପ୍ରତାପ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ସ୍ୱାଗତଅଭିଭାଷଣ ପ୍ରଦାନ ସହ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଶମ୍ଭୁ ମିଳନକୁ ସୁଚାରୁ ରୁପେ ସମ୍ପାଦନ କରିବା ପାଇଁ ବିଭିନ୍ନ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଆଲୋଚନାରେ ମ.ରାମପୁର ରାଜା ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ବୁଧେନ୍ଦ୍ର ପ୍ରତାପ ସିଂହ ଦେଓ, ବରିଷ୍ଠ ସମାଜସେବୀ ଗଙ୍ଗାଧର ମାହାନ୍ତି, ରଜନୀକାନ୍ତ ମହାଖୁଡ଼, ଉପଦେଷ୍ଟା ପଦ୍ମଲୋଚନ ମିଶ୍ର, ବନମାଳୀ ଦଣ୍ଡସେନା, କୃଷ୍ଣଚନ୍ଦ୍ର ସାହୁ, ଲଳିତ କୁମାର ସ୍ୱାଇଁ, ପ୍ରଶାନ୍ତ ସାମନ୍ତରା, ସତ୍ୟ ନାରାୟଣ ସାହୁ, ଶିବପ୍ରସାଦ ପଟ୍ଟନାୟକ, ଉଦ୍ଧବ ପଣ୍ଡା, ପ୍ରତାପ ମହାଖୁଡ଼, ମନୋଜ ଦୀପ, କୁଳମଣି ହେର୍ଣ୍ଣା, ନରେନ୍ଦ୍ର ମହାଖୁଡଙ୍କ ସମେତ ବିଭିନ୍ନ ଦଣ୍ଡ ଦଳ ଓ ପରିଷଦର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

# ବିଶ୍ୱ ଜଳ ଦିବସରେ ଜେଏମ୍ଏଫ୍‌ସି ପକ୍ଷରୁ ସଚେତନତା

**ଥୁଆମୂଳ ରାମପୁର, ୨୨।୩(ସମିସ):** 'ବିଶ୍ୱ ଜଳ ଦିବସ' ପାଳନ ଅବସରରେ ଜେ.ଏମ୍.ଏଫ୍.ସି ଥୁଆମୂଳ ରାମପୁର ପକ୍ଷରୁ ଗ୍ରାମ ବିକାଶ ଶିକ୍ଷାନିକେତନରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ତାଲୁକ୍ଆଇନ ସେବା କମିଟି ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ଜଳ ସଂରକ୍ଷଣ ଓ ଜଳର ସଠିକ ବ୍ୟବହାର ସମ୍ପର୍କରେ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କୁ ସଚେତନ କରିବା। ଜେଏମ୍ଏଫ୍‌ସି ମାଜିଷ୍ଟ୍ରେଟ ଡ. ତାରିଣୀ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଆଇନଜୀବୀ ମନୋରଞ୍ଜନ ନାଏକ, ଅଜିତ ନାଏକ, ଗ୍ରାମବିକାଶ ପ୍ରକଳ୍ପର ଥିମାଟିକ ସଂଯୋଜକ ସୁରେଶ କୁମାର ବାରିକ ଏବଂ ଉକ୍ତ ଶିକ୍ଷାନିକେତନର ଅଧ୍ୟକ୍ଷ ଅରବିନ୍ଦ ସ୍ୱାଇଁ ଉପସ୍ଥିତ ଥିଲେ। ସେମାନେ କହିଥିଲେ ଯେ, ଜଳ ହେଉଛି ଜୀବନ, ତେଣୁ ଏହାର ଅପଚୟ ରୋକିବା ଆମ ସମସ୍ତଙ୍କ ଦାୟିତ୍ୱ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅଭିଭାଷଣ ଓ ପୋଷ୍ଟର ପ୍ରଦର୍ଶନୀ ମାଧ୍ୟମରେ ଜଳ ସଂରକ୍ଷଣ ସନ୍ଦେଶ ପ୍ରଚାର କରାଯାଇଥିଲା। 'ବିଶ୍ୱ ଜଳ ଦିବସ' ସମ୍ବନ୍ଧୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ଓ ଏଥିରେ ୩୫ଜଣରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ଉକ୍ତ ବିଦ୍ୟାଳୟର ଷଷ୍ଠ ଶ୍ରେଣୀ ଛାତ୍ର ଯଶବୀର ମାଝୀ ପ୍ରଥମ ହୋଇଥିବାବେଳେ କିଶୋର ଝୋଡିଆ ଦ୍ୱିତୀୟ ଓ ଜ୍ୟୋତିଷ ମାଝୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଧାନଶିକ୍ଷକ ରାମଚନ୍ଦ୍ର ନାୟକ ପରିଚାଳନା କରିଥିଲେ।



# ଜିଲ୍ଲାସ୍ତରୀୟ ସାରସ୍ୱତ ବିଶ୍ୱ କାବ୍ୟ ଦିବସ

**ଭବାନୀପାଟଣା, ୨୨।୩(ସମିସ)**

ଭାବନା, ଦର୍ଶନ ଏବଂ ମନନଶୀଳ ଚେତନା, ଆଣିକ ଭାବ ଶବ୍ଦ ରୂପ ନେଲେ କବିତା ସାଜେ। କବିତା ଜୀବନକୁ ମାଜେ। କବିତା ଯୁଗ ପାଇଁ ମୁଖବନ୍ଧ ପାଲଟେ। କବିତାର ସ୍ୱର 'ବସୁଧୈବ କୁଟୁମ୍ବକମ୍', କବିତାର ଛନ୍ଦ 'ସତ୍ୟମେବ ଜୟତେ' ଏବଂ କବିତାର ଭାଷା 'ଧର୍ମର ହେଉ ଜୟ' ବୋଲି 'ବିଶ୍ୱ କାବ୍ୟ ଦିବସ 'ପାଳନ ଅବସରରେ କବିଗଣ ମତ ଦେଇଥିଲେ। ଭବାନୀପାଟଣାସ୍ଥିତ ସ୍ୱାମୀ ଶିବାନନ୍ଦ ବାଳ ବିକାଶ କେନ୍ଦ୍ର ପରିସରରେ ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦର ଧାରାବାହିକ ୨୩୦ ସଂଖ୍ୟକ ସାହିତ୍ୟ ଆସରରେ କବି ବ୍ରହ୍ମାନନ୍ଦ ସାମଲ ପୌରୋହିତ୍ୟ କରିଥିବାବେଳେ କବି ସକିତ ରତେ ଅତିଥି ବକ୍ତାଭାବେ ମଞ୍ଚାସୀନ ଥିଲେ। ଯୁବକବି ପ୍ରତାପ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିବାବେଳେ କବି ଯୁଧିଷ୍ଠିର ମୁଦୁଲିଙ୍କ କାବ୍ୟିକ ସଂଯୋଜନାରେ କବି ସଂଘମିତ୍ରା କାନୁନଗୋ, କଳ୍ପନା ରଥ, ଅଶୋକ କୁମାର ଖମାରୀ, ସ୍ୱର୍ଣ୍ଣକାନ୍ତି ବୈକାର, ସବିତା ଶତପଥୀ, ସାଗର ବୈଠାରୁ, ଆନନ୍ଦିନୀ ପାତ୍ର, ସୁଶାନ୍ତ ଦାସ, ଦୀପ୍ତି ମୁଣ୍ଡ, ପ୍ରତାପ ପଣ୍ଡା, ଶ୍ୟାମଘନ ସାହୁ, ଦୀପ୍ତିରାଣୀ ସିଂହ, ନିକିତା ସାହୁ, କିଶୋର ମହାନନ୍ଦ, ରମେଶ ସେନାପତି, ଆଶୁଧନ ପୁରୋହିତ, ସୁଜାତା ପଟ୍ଟନାୟକ, ତିଳକରାମ ନିଆଲ ପ୍ରମୁଖ ସ୍ୱରଚିତ କବିତାବୃତ୍ତି କରିଥିଲେ। ଯୁବପ୍ରତିଭା ପ୍ରତାପ ଚନ୍ଦ୍ର ପଣ୍ଡା ବନ୍ଦେ ମାତରମ୍ ଗାନ କରିଥିବାବେଳେ ସଂସଦ ସହ ସମ୍ପାଦକ ସ୍ୱର୍ଣ୍ଣକାନ୍ତି ବୈକାର ଧନ୍ୟବାଦ ଅର୍ପଣ କରିଥିଲେ।




# ମା' ଡୋକରୀ ଲୋକମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**ମ.ରାମପୁର, ୨୨।୩ (ସମିସ):** ମା' ଡୋକରୀ ଲୋକମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଝୁମର ନୃତ୍ୟ ରେ ଝୁମିଲେ ଦର୍ଶକ। ଦିନବେଳେ ଅନୁଷ୍ଠିତ ମେଣ୍ଢା ଲଢେଇ ଦେଖିବାକୁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଟାପରେଙ୍ଗ ଗଡ଼ର ଇଷ୍ଟ ଦେବୀ ମା ଡୋକରୀଙ୍କ କିମ୍ବଦନ୍ତୀ ଓ ଗାଥା ବହନ କରୁଥିବା ଏହି ଉତ୍ସବ ଆମକୁ ଏକତା ସୂତ୍ରରେ ବାନ୍ଧି ରଖିବା ପାଇଁ ଏକ ମହନୀୟ ଉଦ୍ୟମ ବୋଲି ୨ୟ ବର୍ଷ ମା ଡୋକରୀ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆୟୋଜକ କମିଟିର କର୍ମକର୍ତ୍ତା ଅନନ୍ତ ଗୋପାଳ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଅବସରପ୍ରାପ୍ତ ପୁଲିସ ଅଧିକାରୀ ତଥା ସମାଜସେବୀ ବୈଦ୍ୟ ନାରାୟଣ ଭୋଇ, ମୁଖ୍ୟ ବକ୍ତା ସାହିତ୍ୟିକ ପଦ୍ମଲୋଚନ ମିଶ୍ର, ସମ୍ମାନିତ ଅତିଥି ବରିଷ୍ଠ ଆଇନଜୀବୀ ହୀତେନ୍ଦ୍ର କୁମାର ମହାନ୍ତି, ବିଜେଡି ବ୍ଲକ ସଭାପତି ସତ୍ୟ ନାରାୟଣ ସାହୁ, ଆଇନଜୀବୀ ବିଜୟ ମହାଖୁଡ, ଘାସିରାମ ଧରୁଆ, ସମାଜସେବୀ ଯୋଗେନ୍ଦ୍ର ସେନାପତି, ଜଗତ ରାମ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ବିଶ୍ୱମ୍ବର ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ମହୋତ୍ସବ କମିଟିର ସମ୍ପାଦକ ହିମାଂଶୁ କୁମୁରା ସ୍ୱାଗତ ଅଭିଭାଷଣ ଓ ସଭାପତି ଯୋଗେନ୍ଦ୍ର ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।



ସକାଳ THE SAKALA



# ସରବାହାଲ ଗୁଳିକାଣ୍ଡ ଘଟଣା; ଅଭିଯୁକ୍ତ ଗିରଫ

**ଝାରସୁଗୁଡ଼ା, ୨୨।୩(ସମିସ)**





ଝାରସୁଗୁଡା ସରବାହାଲ ତଳିପଡ଼ା ଅଞ୍ଚଳରେ ଘଟିଥିବା ଗୁଳିକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତକୁ ଘଟଣାର ୨୪ ଘଣ୍ଟାରେ ଗିରଫ କରିବାରେ ଝାରସୁଗୁଡା ପୋଲିସ ସକ୍ଷମ ହୋଇଛି। ଏନେଇ ଝାରସୁଗୁଡା ଟାଉନ ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ

## ବନ୍ଧୁକ ଓ ଗୁଳି ଜବତ

ଏସଡିପିଓ ଉମାଶଙ୍କର ସିଂ ରବିବାର ସୂଚନା ଦେଇଛନ୍ତି। ଅଭିଯୁକ୍ତ ଜଣକ ସମ୍ବଲପୁର ଜିଲ୍ଲା ଶାସନ ଥାନା ଅନ୍ତର୍ଗତ କିଲାସମା ଗ୍ରାମର ଲୋକେଶ କୁମାର ପଧାନ (୪୦)। ଅଭିଯୁକ୍ତ ନିକଟରୁ ଗୋଟିଏ ଦେଶୀ ପିସ୍ତଲ, ୯ ରାଉଣ୍ଡ ଜୀବନ୍ତ ଗୁଳି ଓ ଘଟଣାସ୍ଥଳରୁ ଖାଲି ଖୋକା, ଅପରାଧରେ ବ୍ୟବହୃତ ମୋଟରସାଇକେଲ ଓ ମୋବାଇଲ୍ ଫୋନ୍ ଜବତ କରିଥିବା ବେଳେ ଅଭିଯୁକ୍ତ ନିଜର ପୋଷାକକୁ ପ୍ରମାଣ ନଷ୍ଟ ପାଇଁ ଜଳାଇ ଦେଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ବଡ଼ମାଲ ଅଞ୍ଚଳରେ ପୂର୍ବରୁ ଘଟିଥିବା ଏକ ମାମଲାରେ ଅଭିଯୁକ୍ତର ପୁଅର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଗୁଳି ବାଜିଥିବା ମହିଳାଙ୍କ ନାବାଳକ ପୁଅର ସମ୍ପୃକ୍ତି ଥିବା ସନ୍ଦେହ କରି ପ୍ରତିଶୋଧ ପରାୟଣ ହୋଇ ଲୋକେଶ ଏଭଳି କାଣ୍ଡ ଘଟାଇଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଏସ୍‌ଡିପିଓ କହିଛନ୍ତି। ଅଭିଯୁକ୍ତକୁ ରବିବାର ଟାଉନ ଥାନାର ମାମଲା ନମ୍ବର ୧୭୨/୨୬ ଅନୁସାରେ କୋର୍ଟ ଚାଲାଣ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ମାର୍ଚ୍ଚ ୨୦ ତାରିଖ ଅର୍ଥାତ୍ ଶୁକ୍ରବାର ରାତି ୯ଟା ୩୦ ସମୟରେ ସରବାହାଲର ତଳିପଡ଼ା ଅଞ୍ଚଳରେ ଅଭିଯୁକ୍ତ ଏକ ବନ୍ଧୁକ ଧରି ଜଣେ ମହିଳାଙ୍କ ଘରେ ପଶିଥିଲା। ମହିଳା ଜଣକ ସୋଫାରେ ଶୋଇଥିବା ଅବସ୍ଥାରେ ଅଭିଯୁକ୍ତ ତାଙ୍କ ଉପରକୁ ଗୁଳି ଚଳାଇଥିଲା। ପୀଡ଼ିତା ମହିଳା ଜଣକ ପ୍ରାୟ ଚାରି ମାସର ଗର୍ଭବତୀ ରହିଥିବା ନେଇ ଜଣାପଡ଼ିଥିଲା। ଗୁଳି ଶବ୍ଦ ଶୁଣି ମହିଳାଙ୍କ ସ୍ୱାମୀ ସେଠାକୁ ଦୌଡ଼ି ଆସିବାରୁ ଅଭିଯୁକ୍ତ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲା। କେହି ଯେପରି ସାହାଯ୍ୟ କରିପାରିବେ ନାହିଁ, ସେଥିପାଇଁ ବାହାରୁ କବାଟ ବନ୍ଦ କରି ଫେରାର ହୋଇଯାଇଥିଲା। ଗୁରୁତର ଆହତ ମହିଳାଙ୍କୁ ପ୍ରଥମେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲା ଭିମସାର୍‌କୁ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

### ଦାଉ ସାଜିଲା କାଳ ବୈଶାଖୀ

# ଡାଲି ଜାତୀୟ ଶସ୍ୟ ନଷ୍ଟହେବା ଆଶଙ୍କାରେ ଚାଷୀ

**ଧର୍ମଗଡ଼, ୨୨।୩(ସମିସ):** ଗତ କିଛିଦିନ ହେବ ଧର୍ମଗଡ଼ ଅଞ୍ଚଳରେ କାଳ ବୈଶାଖୀ ତାଣ୍ଡବ ରଚିଛି। ହଠାତ ବର୍ଷା ସାଙ୍ଗକୁ ପବନ, ଘଡ଼ଘଡ଼ିରେ ଅସ୍ତବ୍ୟସ୍ତ ହୋଇପଡ଼ିଛି ଜନଜୀବନ। ବର୍ତ୍ତମାନ ଚାଷୀ ଧାନ ଅମଳ କରି ସେହି ଜମିରେ ଡାଲି ଜାତୀୟ ଶସ୍ୟ ଚାଷ କରିଛି। ଧର୍ମଗଡ଼ ଅଞ୍ଚଳରେ ପ୍ରାୟ ୨୮ ପ୍ରତିଶତ ଜମିରେ ମୁଗ, ହରଡ଼, କୁଳଥ ଆଦି ଚାଷ ହୋଇଛି। ସେଥିମଧ୍ୟରୁ ପ୍ରାୟ ୧୫ ପ୍ରତିଶତ ଚାଷ ଚାଷୀ ଅମଳ କରିଥିବା ଅନୁମାନ କରାଯାଏ। ହେଲେ ବଳକା ରହିଥିବା ଚାଷ ଏବେ ମଧ୍ୟ ଚାଷ ଜମିରେ ପଡ଼ି ରହିଛି। ଯାହା କାଳ ବୈଶାଖୀ ଯୋଗୁଁ ନଷ୍ଟ ହେବା ଆଶଙ୍କା ଉପୁଜିଥିବା ବେଳେ ଚାଷୀ ଏବେ ଭାଲେଣିରେ ପଡ଼ିଛି। ଶନିବାର ଠାରୁ ଅଞ୍ଚଳରେ ପାଗର ପରିବର୍ତ୍ତନ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଚାଷୀ ଜମିରୁ ଅମଳ କରିବାରେ ଲାଗି ପଡ଼ିଛି।



ମୁଗ କୁଇଣ୍ଟାଲ ପ୍ରତି ୭ହଜାରରୁ ୭୫୦୦, ବୁଟଚଣା ୫୮୦୦-୬୨୦୦, ଚଣା-୨୫୦୦-୨୮୦୦, କୁଳଥ -୫୦୦୦-୫୬୦୦, ହରଡ଼-୭୫୦୦-୮୦୦୦ ହଜାର ଟଙ୍କା ରେ ବିକ୍ରି ହୋଉଥିବା ଚାଷୀମାନେ ପ୍ରକାଶ କରନ୍ତି। ତେବେ ସିଧାସଳଖ ବିକ୍ରି କରିବାର କୌଣସି ବ୍ୟବସ୍ଥା ନ ଥିବା ଯୋଗୁଁ ଚାଷୀମାନେ ଦଲାଲ କିମ୍ବା ସ୍ଥାନୀୟ ଦୋକାନରେ ବିକ୍ରି କରି କ୍ଷତି ସହୁ ଥିବା କହୁଛନ୍ତି। ସରକାରୀସ୍ତରରେ ଧାନ ଭଳି ଡାଲି ଜାତୀୟ ଶସ୍ୟ ପାଇଁ ମଣ୍ଡି ବ୍ୟବସ୍ଥା କଲେ ଚାଷୀ ଉପକୃତ ହୋଇ ପାରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଏ।

## ବଚ୍‌ପନ୍ ଓ ଏକାଡେମିକ୍ ହାଇଟ୍ସ ପବ୍ଲିକ ସ୍କୁଲରେ ଇଦ୍ ପାଳିତ

**ଭବାନୀପାଟଣା, ୨୨।୩ (ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବଚ୍‌ପନ୍ ଓ ଏକାଡେମିକ୍ ହାଇଟ୍ସ ପବ୍ଲିକ ସ୍କୁଲରେ ପବିତ୍ର ଇଦ୍ ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲ ପରିବେଶକୁ ରଙ୍ଗୀନ ପୋଷ୍ଟର ଓ ଆଲୋକରେ ସୁସଜ୍ଜିତ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନେ ପାରମ୍ପରିକ ପୋଷାକ ପିନ୍ଧି ଅଂଶଗ୍ରହଣ କରିଥିଲେ। 'ଇଦ୍ ମୁବାରକ୍' ର ଶୁଭେଚ୍ଛା ବିନିମୟ କରି ସମସ୍ତେ ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ।

## ୨୪ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା

**ଝାରସୁଗୁଡା, ୨୨।୩(ସମିସ):** ଝାରସୁଗୁଡା ସଦର ବ୍ଲକ କେ. କଣ୍ଟାପାଲିଠାରେ ୨୪ ପ୍ରହର ନାମଯଜ୍ଞ ପାଇଁ ରବିବାର ସନ୍ଧ୍ୟାରେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଳସ ଯାତ୍ରାରେ କର୍ତ୍ତା ଚୂଡ଼ାମଣି ପ୍ରଧାନ, ସଂଯୁକ୍ତା ପ୍ରଧାନ, ପୂଜକ ଗୋପାଳ ଦାସଙ୍କ ସହିତ ଗ୍ରାମର ଶତାଧିକ ମହିଳା ପୁରୁଷ ଯୋଗ ଦେଇଥିଲେ। ଗ୍ରାମର ଅବଧୂତ ପ୍ରଧାନ, ଅମୂଲ୍ୟ ପ୍ରଧାନ, ଶରତ ସା, ଶୈବ ପଟେଲ, ପୁଷ୍ପଜିତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଏହି ନାମଯଜ୍ଞ ସୋମବାର ଠାରୁ ଆରମ୍ଭ ହୋଇ ବୁଧବାର ସମାପନ ହେବ।

## ମିଶନ ଆଶ୍ରାରେ ମେହେନ୍ଦୀ ପ୍ରଶିକ୍ଷଣ ଶିବିର

**ଝାରସୁଗୁଡ଼ା, ୨୨।୩(ସମିସ):** ଭାରତ ବିକାଶ ପରିଷଦ ଝାରସୁଗୁଡ଼ା ଶାଖା ମହିଳା ସହଭାଗିତାରେ ସ୍ଥାନୀୟ ମିଶନ ଆଶ୍ରାରେ ମାନସିକସ୍ତରରେ ସକ୍ଷମ ହୋଇ ସାରିଥିବା ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ରବିବାର ଏକ ମେହେନ୍ଦି ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ତଥା ସମାଜସେବୀ ଓ ସୁଲେଖିକା ନନ୍ଦିନୀ ପଟେଲଙ୍କୁ ଏହି ଅବସରରେ ବିଶେଷ ଭାବେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମହିଳା ସଂଯୋଜିକା ମାନସୀ ପଣ୍ଡାଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ପ୍ରିୟା ରାୟ, ସସ୍ମିତା ପଟେଲ ପ୍ରମୁଖ ଉପସ୍ଥିତ ରହିଥିଲେ। ମିଶନ ଆଶ୍ରାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବନ୍ଧବାହାଲ ଶିଶୁମନ୍ଦିରରେ କଣ୍ଢେଇ ଦିବସ

**ଇବଥର୍ମାଲ, ୨୨।୩ (ସମିସ):** ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନଆଚାର୍ଯ୍ୟ ଅରୁଣ ସାହୁଙ୍କ ଅଧ୍ୟକ୍ଷତାରେ କଣ୍ଢେଇ ଦିବସ ପାଳନ ହୋଇଛି। ଶିଶୁ ବାଟିକା ବିଭାଗ ପକ୍ଷରୁ ୯୭ଜଣ କୁନିକୁନି ଛାତ୍ରଛାତ୍ରୀ ବିଭିନ୍ନ ପ୍ରକାରର ତଥା ତନ୍ତୁ, ମାଟି, ଉଲ, କାଗଜ, କାଠରେ ତିଆରି କଣ୍ଢେଇ ନେଇ ଖୁସି ମନରେ ବିଦ୍ୟାଳୟ ପରିସରରେ ପହଞ୍ଚିଥିଲେ। ସେଥିମଧ୍ୟରୁ ୭୬ଟି କଣ୍ଢେଇ ହାତ ତିଆରି ଥିଲା। ସ୍ଥାନୀୟ ସମ୍ବାଦକ ଅଶୋକ ପାଢ଼ୀ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଦସ୍ୟା ଗୀତାରାଣୀ ମେହେର ଉପସ୍ଥିତ ଥିଲେ। ପ୍ରଧାନଆଚାର୍ଯ୍ୟ ଶ୍ରୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିଶୁ ବାଟିକା ପ୍ରମୁଖ ରୋଜାଲି ହୋତା ଗୁରୁମା 'କଣ୍ଢେଇ ଦିବସ" ପାଳନର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଶିଶୁ ମାନଙ୍କ ସହଯୋଗରେ ଗୁରୁଜୀ ସିମାଞ୍ଚଳ ଜେନା କଣ୍ଢେଇ ନାଚ ଦେଖାଇଥିଲେ। ଶିଶୁର ସ୍ୱଭାବକୁ ଜାଣିବା ପାଇଁ ଖେଳନା ନିହାତି ଆବଶ୍ୟକ। ଶିଶୁ ଖେଳନା କଳ୍ପନା, ନିରୀକ୍ଷଣ, ସମସ୍ୟା ସମାଧାନ ଏବଂ ସୃଜନଶୀଳତାର ବିକାଶ ହୁଏ ବୋଲି ପ୍ରଧାନ ଆଚାର୍ଯ୍ୟ କହିଥିଲେ। ଶେଷରେ ପ୍ରାୟ ୮୦ରୁ ଅଧିକ ପ୍ରକାର କଣ୍ଢେଇ ମାନଙ୍କର ଏକ ପ୍ରଦର୍ଶନୀ କରାଯାଇଥିଲା। ଏଥିରେ ଗୁରୁମା ପ୍ରଜ୍ଞା ଦାସ, ରୁପମା ଗୁପ୍ତା, ରଶ୍ମିତା ପାଢ଼ୀ, ରଶ୍ମିତା ସେଟ୍, ପୂଜା ମେହେର ଓ ସେବିକା ଅନୀତା ପଧାନ ସହଯୋଗ କରିଥିଲେ।

## ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

**ଝାରସୁଗୁଡା, ୨୨।୩ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଚନ୍ଦନୀଛକ ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଜଣେ ପୂର୍ବତନ ଶିକ୍ଷୟିତ୍ରୀଙ୍କ ବେକରୁ ୨ ଦୁର୍ବୃତ୍ତ ସୁନାଚେନ୍ ଝାମ୍ପିନେଇ ଚମ୍ପଟ ମାରିଛନ୍ତି। ପୂର୍ବତନ ଶିକ୍ଷୟିତ୍ରୀ ମଞ୍ଜୁ ତିବାରି ସାଇ ମନ୍ଦିରରୁ ନବରାତ୍ରି କିର୍ତ୍ତନ ସାରି ଫେରିବା ସମୟରେ ଦୁଇଜଣ ଦୁର୍ବୃତ୍ତ ଏକ କଳାରଙ୍ଗର ବାଇକରେ ଆସି ତାଙ୍କ ବେକରୁ ସୁନା ଚେନ୍ ଲୁଟି ଫେରାର ମାରିଥିଲେ। ଏନେଇ ସେ ବ୍ରଜରାଜନଗର ଥାନାରେ



ଅଭିଯୋଗ କରିବା ପରେ ଥାନା ଅଧିକାରୀ ଧବଳେଶ୍ୱର ସାହୁଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଅଞ୍ଚଳର ସିସିଟିଭି ଯାଞ୍ଚ କରି ପୁଲିସ ତଦନ୍ତ ଆରମ୍ଭ କରିଛି। ସିସିଟିଭିରେ ଦୁଇ ଦୁର୍ବୃତ୍ତ ମୁହଁରେ ହେଲମେଟ ଓ ଗାମୁଛା ଗୁଡାଇ ବାଇକ୍‌ରେ ଆସି ଲୁଟ୍ କରିଥିବା ଦେଖିବାକୁ ମିଳିଛି। ଦୁଇ ଦୁର୍ବୃତ୍ତ ସ୍ଥାନୀୟ ଅଞ୍ଚଳର ହୋଇନଥିବା ବେଳେ ଛତିଶଗଡ଼ ଅଞ୍ଚଳରୁ ଆସି ଏହି ଲୁଟ କରିଥିବା ନେଇ ସନ୍ଦେହ କରାଯାଉଛି। ଦୋଷୀଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଥିବା ନେଇ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଗଛପଡ଼ି ଭାଙ୍ଗିଲା ଘର; ବର୍ତ୍ତିଲେ ପରିବାର



**ଲାଞ୍ଜିଗଡ଼, ୨୨।୩(ସମିସ):** ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ପଞ୍ଚାୟତସ୍ଥିତ ଡୁମେରମୁଣ୍ଡା ଗାଁର ସଜମନ ହରପାଳଙ୍କ ଘର ଉପରେ ଏକ ଶାହାଜ ଗଛ ପଡ଼ିଯାଇଛି। ଏଥିରେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନାଯୋଗ୍ୟ ସଜମନ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବା ବେଳେ ଘରେ ତାଙ୍କ ସ୍ତ୍ରୀ ଓ ପୁଅ ରହୁଛନ୍ତି। ସଜମନଙ୍କ ଦୁଇଟି ବଖରା ଘର ରହିଥିବା ବେଳେ ସେ ପାଖରେ ଏକ ବିରାଟ ସୁଖିଲା ଶାହାଜ ଗଛ ରହିଥିଲା; ସେହି ଗଛ ମୂଳରେ ସକାଳୁ କିଏ ଜଣେ ଦୁର୍ବୃତ୍ତ ନିଆଁ ଲଗେଇ ଦେଇଥିବାବେଳେ ଗଛ ମୂଳରୁ ଉପୁଡି ପଡ଼ିବାରୁ ଘର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି। ସଜମନଙ୍କ ସ୍ତ୍ରୀ ଓ ପୁଅ ବାରଣ୍ଡାରେ ଶୋଇଥିବା ଥିବାରୁ ଏହି ଦୁର୍ଘଟଣାରୁ ବର୍ତ୍ତି ଯାଇଥିବାବେଳେ ଘରର ଆସବାବପତ୍ର ସବୁ ଭାଙ୍ଗିଯାଇଛି।

## ମାଂସ ଭାଗବଣ୍ଟାକୁ କେନ୍ଦ୍ରକରି ଯୁବକଙ୍କୁ ଛୁରାମାଡ଼

**ଦେବଗଡ଼, ୨୨।୩(ସମିସ):** ଜଙ୍ଗଲ ପୂଜା ସମୟରେ ମାଂସ ଭାଗବଣ୍ଟାକୁ କେନ୍ଦ୍ରକରି ବାରକୋଟ ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ସେହି ଗ୍ରାମର ଅନ୍ୟ ଜଣେ ଯୁବକ ଛୁରାମାଡ଼ କରି ଫେରାର ହୋଇଯାଇଛି। ଅନ୍ୟପକ୍ଷରେ ଛୁରାମାଡରେ ଗୁରୁତର ଆହତ ଯୁବକ ଜଣକ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧିନ ଥିବା ଜଣାପଡ଼ିଛି। ଛୁରାମାଡରେ ଆହତ ଯୁବକ ଜଣକ ହିମାଦ୍ରୀ ପ୍ରଧାନ(୪୯) ବୋଲି ଜଣାପଡ଼ିଛି। ଏନେଇ ବାରକୋଟ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଆଜି ବାରକୋଟ ଥାନାଞ୍ଚଳ ବାସୁପାଲି ଗ୍ରାମର ଚଷା ସମାଜ ଓ ଦଳିତ ସମାଜର ୩୦ରୁ ୩୫ ପରିବାରର ଏକତ୍ରିତ ହୋଇ ଜଙ୍ଗଲ ପୂଜା କରିବା ନିମନ୍ତେ ନିକଟସ୍ଥ ଅଶୁରଖୋଲ ଗ୍ରାମକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୪ଟା ସମୟରେ ବାସୁପାଲି ଗ୍ରାମର ଦୁଃଖବନ୍ଧୁ ଗଡ଼ନାୟକଙ୍କ ପୁଅ ସୁଶାନ୍ତ ଗଡ଼ନାୟକ(୩୫) ନିଶାଶକ୍ତ ଅବସ୍ଥାରେ ସେଠାରେ ପହଞ୍ଚି ନିର୍ଦ୍ଦିଷ୍ଟ ଦଳିତ ସମ୍ପ୍ରଦାୟର ଲୋକଙ୍କୁ ଆକ୍ଷେପ କରି ସେମାନେ ୨ ଭାଗ ଲେଖାଏଁ ମାଂସ ଖାଇଦେଲେ ଓ ମାଂସ ସବୁ ଶେଷ ହୋଇଗଲା ବୋଲି ଅଭିଯୋଗ କରିଥିଲା। ଏହି କଥାକୁ ନେଇ ସୁଶାନ୍ତ ସହିତ ଉକ୍ତ ଗ୍ରାମର ଚୂଡାମଣି ପାତ୍ରଙ୍କର ଯୁକ୍ତିତର୍କ ହୋଇଥିଲା। ଚୂଡାମଣି ନମ୍ର ଭାବରେ ଖାଇବା ସ୍ଥାନରୁ ଉଠି ଚାଲିଯାଇଥିଲେ। ଏହି ସମୟରେ ହିମାଦ୍ରୀ ପ୍ରଧାନ(୪୯) ଶାନ୍ତି ଶୃଙ୍ଖଳାର ସହିତ ଭୋଗ ଖାଇ ନିଜ ନିଜ ଘରକୁ ଫେରିଯିବାକୁ ଲୋକଙ୍କୁ ଅନୁରୋଧ କରିଥିଲେ। ଏକଥା ଶୁଣି ସୁଶାନ୍ତ ହଠାତ ଉତ୍‌କ୍ଷିପ୍ତ ହୋଇ ହିମାଦ୍ରୀଙ୍କ ବେକକୁ ଛୁରୀରେ ଭୁଷି ହତ୍ୟା ଉଦ୍ୟମ କରି ସେଠାରୁ ଫେରାର ହୋଇଯାଇଥିଲା। ଉପସ୍ଥିତ ଲୋକେ ତାଙ୍କୁ ବାରକୋଟ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ପରେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଏନେଇ ଆହତ ହିମାଦ୍ରୀଙ୍କ ସ୍ତ୍ରୀ ସବିତା ପ୍ରଧାନ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

### ଝାରସୁଗୁଡ଼ା ବନଖଣ୍ଡ ପକ୍ଷରୁ 'ବିଶ୍ୱ ବନ ଦିବସ'

# ନିକ୍ତିମାଲ ପଞ୍ଚାୟତ ଓ ବାବୁଛିପିଡିହି ହାଇସ୍କୁଲ ସମ୍ବର୍ଦ୍ଧିତ

**ଝାରସୁଗୁଡ଼ା, ୨୨।୩ (ସମିସ):** ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନ ଝାରସୁଗୁଡ଼ା ବନଖଣ୍ଡ ପକ୍ଷରୁ ଶନିବାର ସ୍ଥାନୀୟ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ 'ବିଶ୍ୱ ବନ ଦିବସ-୨୦୨୬' ପାଳିତ ହୋଇଯାଇଛି। ପରିବେଶ ସୁରକ୍ଷା ଏବଂ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ପରିବେଶପ୍ରେମୀ ଯୋଗ ଦେଇଥିଲେ। ଝାରସୁଗୁଡ଼ା ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରହ୍ଲାଦ ନାୟକ, ଜିଲ୍ଲା ପରିବେଶ ସମିତିର ସଦସ୍ୟ ତ୍ରିନାଥ ଗୌଲ, ନରେଶ ନାୟକ, ସଚିନ୍ଦ୍ର ପଟେଲ, ବେଣୁଧର ଚୌଧୁରୀ ଏବଂ ଗୋବିନ୍ଦ ସକୁନିଆ ପ୍ରମୁଖ ଉପସ୍ଥିତ ଥିଲେ। ଝାରସୁଗୁଡ଼ା ବନଖଣ୍ଡ ଅଧିକାରୀ ବିଜୟ ପ୍ରଧାନ ଏବଂ ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ମଧ୍ୟ ମଞ୍ଚାସୀନ ଥିଲେ। ୨୦୨୬ ବର୍ଷରେ ଉଲ୍ଲେଖନୀୟ ବୃକ୍ଷରୋପଣ ଓ ଜଙ୍ଗଲ ସୃଷ୍ଟି କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ନିକ୍ତିମାଲ ପଞ୍ଚାୟତକୁ 'ସର୍ବଶ୍ରେଷ୍ଠ ପଞ୍ଚାୟତ' ଏବଂ



ବାବୁଛିପିଡିହି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟକୁ 'ସର୍ବଶ୍ରେଷ୍ଠ ଶିକ୍ଷାନୁଷ୍ଠାନ' ଭାବେ ପୁରସ୍କୃତ କରାଯାଇଥିଲା। ନିକ୍ତିମାଲ ପଞ୍ଚାୟତର ସରପଞ୍ଚ ଏବଂ ବାବୁଛିପିଡିହି ହାଇସ୍କୁଲର ପ୍ରଧାନଶିକ୍ଷକଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ଫିଫା କ୍ରୀଡା ଛାତ୍ରାବାସରେ ପ୍ରଶିକ୍ଷଣ ନେବେ ଅନିଶ

**ଝାରସୁଗୁଡ଼ା, ୨୨।୩(ସମିସ):** ଝାରସୁଗୁଡ଼ା ୧୪ ବର୍ଷ ବୟସ ସବ୍‌ଜୁନିୟର ଫୁଟବଲ ଗ୍ରୁପର ସଦସ୍ୟ ତଥା ଏକାତାଲି ଉଚ୍ଚ ବିଦ୍ୟାଳୟର ଛାତ୍ର



ଅନିଶ କୁମାର ବେସନ ମୁଖ୍ୟମନ୍ତ୍ରୀ କ୍ରୀଡ଼ା ପ୍ରତିଭା ଚୟନରେ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଉନ୍ନତ ମାନର ଖେଳ ପ୍ରଦର୍ଶନ କରିଥିଲେ। ଫଳରେ ଫୁଟବଲ ଆସୋସିଏସନ ଚୟନ କର୍ତ୍ତାମାନେ ଅନିଶଙ୍କୁ ଓଡ଼ିଶା ସରକାର ଅଧିନସ୍ତ ଫିଫା ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସରେ ପ୍ରଶିକ୍ଷଣ ନେବା ପାଇଁ ଶନିବାର ମନୋନୀତ କରିଛନ୍ତି। ଜିଲ୍ଲା ଫୁଟବଲ ସଂଘକୁ ଏନେଇ ଚିଠି ପ୍ରେରଣ କରିଛନ୍ତି। ଚିଠି ହସ୍ତଗତ ହେବା ପରେ ପୁରାତନ ଓଡ଼ିଶା ଦଳର ଫୁଟବଲ ଖେଳାଳି ଭଗବାନ ଡିଲା, ରାମବିଳାସ ବିଶ୍ୱକର୍ମା ପ୍ରକାଶ ଡିଲା ଓ ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଜ୍ଜଳ କୁମାର ପଟେଲ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

**ଭବାନୀପାଟଣା, ୨୨।୩ (ସମିସ):** ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନ (ୟୁପିଏମ୍‌ଏସ)ର ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ରୁପ୍ରାରୋଡର



ବରିଷ୍ଠ ଆଇନଜୀବୀ ସୁବାସ ଅଗ୍ରୱାଲ। ନିକଟରେ ସମ୍ବଲପୁର ଠାରେ ଆୟୋଜିତ ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନର ଶିଖର-୨୦୨୬ ପ୍ରାନ୍ତିୟ ଅଧିବେଶନରେ ସେ ନୂତନ ଅଧ୍ୟକ୍ଷ ଭାବେ ଶପଥପାଠ କରିଥିଲେ। ତେବେ ଅଖିଳ ଭାରତୀୟ ମାରୱାଡି ସମ୍ମେଳନ ରୁପ୍ରାରୋଡ ଶାଖା, ମାରୱାଡି ଯୁବା ମଞ୍ଚ, ମହିଳା ମଣ୍ଡଳ ଶାଖା ତଥା ରୁପ୍ରାରୋଡ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆଜି ରୁପ୍ରାରୋଡସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଦୀପ କୁମାର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ସମ୍ମାନିତ ଅତିଥି ଭାବେ କେସିଙ୍ଗା ମାରୱାଡି ସମ୍ମେଳନ ଶାଖାର ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ ଓ ସମ୍ପାଦକ ମୁକେଶ ଜୈନ, ଭବାନୀପାଟଣା ଶାଖାର ଦୀପକ ଗୁପ୍ତା, ସଞ୍ଜୟ ଅଗ୍ରୱାଲ, ଟିଟିଲାଗଡ଼ ଶାଖାର ରାଜେଶ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମାରୱାଡି ସମ୍ମେଳନ ରୁପ୍ରାରୋଡ ଶାଖା, ମାରୱାଡି ଯୁବାମଞ୍ଚ, ମହିଳା ସମ୍ମେଳନ ସମେତ ଗୁଜୁରାଟି ସମାଜ ରୁପ୍ରାରୋଡର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାମାନେ ସମ୍ମେଳନର ନୂତନ ଅଧ୍ୟକ୍ଷ ସୁବାସ ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଗଣେଶ ରାମ ଖେତାନ ମଞ୍ଚ ପରିଚାଳନା କରିଥିବାବେଳେ ରୁପ୍ରାରୋଡ ମାରୱାଡି ସମ୍ମେଳନ ରୁପ୍ରାରୋଡର ସମ୍ପାଦକ ସୁମିତ କୁମାର ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

# କୁପୋଷଣ ମୁକ୍ତ ସମାଜ ଗଠନକୁ ଗୁରୁତ୍ୱ

**ଝାରସୁଗୁଡ଼ା, ୨୨।୩ (ସମିସ):** ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ସମନ୍ୱିତ ଶିଶୁ ବିକାଶ ସେବାର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।



## ଆଇସିଡିଏସ୍ ମାସିକ ସମୀକ୍ଷା ବୈଠକ

ବୈଠକରେ ଜିଲ୍ଲାରେ ଶିଶୁ ଏବଂ ଗର୍ଭବତୀ ମହିଳାମାନଙ୍କୁ ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟ ଓ ପୋଷଣ ସେବାର ସ୍ଥିତି ଉପରେ ବିସ୍ତୃତ ଆଲୋଚନା କରାଯାଇଛି। 'ପୋଷଣ ଟ୍ରାକର' ଆପ୍‌ର ବ୍ୟବହାରକୁ ଅଧିକ କ୍ରିୟାଶୀଳ କରିବା ସହ ସମସ୍ତ ଆଙ୍ଗନବାଡି କେନ୍ଦ୍ରର ତଥ୍ୟକୁ ରିଅଲ-ଟାଇମ୍ ଭିତ୍ତିରେ ଅପଡେଟ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୬ ବର୍ଷରୁ କମ୍ ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କର ସ୍ୱାସ୍ଥ୍ୟାବସ୍ଥା ନିରୀକ୍ଷଣ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। କୁପୋଷିତ (ଏସ୍‌ଏଏମ୍ ଓ ଏମ୍‌ଏଏମ୍) ଶିଶୁମାନଙ୍କର ସ୍ୱତନ୍ତ୍ର ଟ୍ରାକିଂ ଏବଂ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସେବାର ଗୁଣାତ୍ମକ ମାନ ବୃଦ୍ଧି ଉପରେ ଜୋର ଦିଆଯାଇଛି। ମିଶନ ସକ୍ଷମ ଅଙ୍ଗନବାଡି ଓ ପୋଷଣ ୨.୦ ନିର୍ଦ୍ଦେଶାବଳୀ ଅନୁସାରେ କୁପୋଷଣ ଦୂର କରିବା ପାଇଁ ରିଅଲ-ଟାଇମ ତଥ୍ୟ ଭର୍ତ୍ତି ଓ ବୃଦ୍ଧି ନିରୀକ୍ଷଣ (ଓଜନ ମାପ) ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କୁହାଯାଇଛି। ଏହାସହ ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ହିତାଧିକାରୀମାନଙ୍କୁ ସମୟାନୁସାରେ 'ଟେକ୍ ହୋମ୍ ରାସନ୍' ବଣ୍ଟନ ଏବଂ ଟୀକାକରଣ ନିଶ୍ଚିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କୁପୋଷିତ (ଏସ୍‌ଏଏମ୍ ଓ ଏମ୍‌ଏଏମ୍) ଶିଶୁମାନଙ୍କର ସ୍ୱାସ୍ଥ୍ୟାବସ୍ଥା ନିରୀକ୍ଷଣ କରିବା ସହ ସେମାନଙ୍କର ଶାରୀରିକ ଓ ମାନସିକ ବିକାଶ ପାଇଁ ଅଧିକ ସମ୍ବେଦନଶୀଳ ହେବା ଆବଶ୍ୟକ ବୋଲି ପରାମର୍ଶ ଦିଆଯାଇଛି। ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ପିଓ-କମ୍-ପିଓ, ପିଓ ସଦର, ଡିସି ହବ, ଡିସି ମମତା, ଲେଡି ସୁପରଭାଇଜର ଏବଂ ସମସ୍ତ ବ୍ଲକର ସିଡିପିଓ ମାନେ ଉପସ୍ଥିତ ଥିଲେ।

### ପ୍ରଶାସନ ପକ୍ଷରୁ ଝାରସୁଗୁଡ଼ା ସ୍ୱଚ୍ଛତା ଅଭିଯାନ

# ଶିଳ୍ପସଂସ୍ଥାକୁ ସଫେଇ ଓ ଜାତୀୟ ରାଜପଥ ରକ୍ଷଣାବେକ୍ଷଣ ଦାୟିତ୍ୱ

**ଝାରସୁଗୁଡ଼ା, ୨୨।୩(ସମିସ)**

ଜିଲ୍ଲା ପ୍ରଶାସନ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାରେ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି। ଜିଲ୍ଲାର ୧୨ଟି ପ୍ରମୁଖ ଶିଳ୍ପ ଓ ଖଣି ସଂସ୍ଥାକୁ ବିଭିନ୍ନ ରାସ୍ତାର ସଫେଇ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି କ୍ରମରେ

### ୧୫ ଦିନରେ ଜିଲ୍ଲାପାଳଙ୍କୁ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ

ଝାରସୁଗୁଡ଼ା ପୌରପାଳିକା ପକ୍ଷରୁ ବଡ଼ମାଲ ବଜାର ଅଞ୍ଚଳରେ ଏକ ବ୍ୟାପକ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ବଡ଼ମାଲ ବଜାର ଅଞ୍ଚଳ ପୌରପାଳିକା ସୀମା ବାହାରେ ଥିଲେ ମଧ୍ୟ ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ପରାମର୍ଶ କ୍ରମେ ଏହି ଆଖପାଖ ଅଞ୍ଚଳକୁ ସମ୍ପୂର୍ଣ୍ଣ ସଫା କରାଯାଇଛି। ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ନୂତନ ନିର୍ଦ୍ଦେଶାନୁସାରେ, ଏସ୍‌ଏଚ୍-୧୦, ଏନ୍‌ଏଚ୍-୪୯ ଏବଂ ଅନ୍ୟାନ୍ୟ ମୁଖ୍ୟ ରାସ୍ତାର ପ୍ରାୟ ୮୪ କିଲୋମିଟର ପରିମିତ ଅଞ୍ଚଳକୁ ବିଭିନ୍ନ କମ୍ପାନୀଗୁଡ଼ିକ ମଧ୍ୟରେ ବଣ୍ଟନ କରାଯାଇଛି। ଏଥିମଧ୍ୟରେ ଏସ୍‌ଏମ୍‌ସିକୁ ଖେରୁଆଲରୁ ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ୫ କିଲୋମିଟର, ବେଦାନ୍ତକୁ ବିଜୁ ପଟ୍ଟନାୟକ ଛକରୁ ସରବାହାଲ ହୋଇ ପ୍ରସନ୍ନ ପଣ୍ଡା ଛକ ପର୍ଯ୍ୟନ୍ତ ୬ କିଲୋମିଟର, ଏଲ୍‌ଏନ୍ ମେଟାଲିକ୍ସକୁ ପ୍ରସନ୍ନ ପଣ୍ଡା ଛକରୁ ପଞ୍ଚପଡ଼ା ଛକ ପର୍ଯ୍ୟନ୍ତ ୧.୪ କିଲୋମିଟର ଏବଂ ଟିପିଏସ୍‌ଏଲ୍ ଲହଣ୍ଡାବୁଡ଼କୁ ପଞ୍ଚପଡ଼ା ଛକରୁ ସର୍କିଟ ହାଉସ ଛକ ପର୍ଯ୍ୟନ୍ତ ୩ କିଲୋମିଟର ରାସ୍ତା ସଫେଇ ଦାୟିତ୍ୱ ଦିଆଯାଇଛି। ସେହିପରି ଆଇଓସିଏଲ୍ ଓ ଅଲଟ୍ରାଟେକ୍‌କୁ ଏସ୍‌ପି ଅଫିସ ଛକରୁ ଯଥାକ୍ରମେ ତାଳପଟିଆ ଓ ଧୁତୁରା ଛକ ପର୍ଯ୍ୟନ୍ତ ଦାୟିତ୍ୱ ଦିଆଯାଇଥିବା ବେଳେ ଟିଆର୍‌ଏଲ୍-କ୍ରୋସାକୀ ଓ ଏମ୍‌ସିଏଲ୍




ଲଖନପୁର ଏରିଆକୁ ଶିବ ମହିମା ଛକରୁ ଗୋବିନ୍ଦପୁର ଟୋଲ ପ୍ଲାଜା ପର୍ଯ୍ୟନ୍ତ ପ୍ରାୟ ୨୨ କିଲୋମିଟର ରାସ୍ତା ସଫା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ବ୍ୟତୀତ ଓଏମ୍‌ପିଏଲ୍‌କୁ ଗାନ୍ଧୀ ଛକରୁ ପ୍ରସନ୍ନ ପଣ୍ଡା ଛକ, ଏମ୍‌ସିଏଲ୍ ଆଇବି ଭେଲିକୁ ଗାନ୍ଧୀ ଛକରୁ ଶିବ ମହିମା ଛକ ଏବଂ ଓପିଜିସିକୁ ମୁଚବାହାଲ ଛକରୁ ବନହରପାଲି ଛକ ଓ ଜେଏସଡବ୍ଲ୍ୟୁ- ଏନାର୍ଜୀ ଉତ୍କଳକୁ ବନହରପାଲି ଛକରୁ ଧୁନଧୁନ ଛକ ପର୍ଯ୍ୟନ୍ତ ଦାୟିତ୍ୱ ଦିଆଯାଇଛି। ସୂଚନା ଅନୁସାରେ, ପ୍ରତ୍ୟେକ କମ୍ପାନୀ ସେମାନଙ୍କ ନିର୍ଦ୍ଧାରିତ ଅଞ୍ଚଳରେ ଯାନ୍ତ୍ରିକ ଓ ମାନବିକ ପଦ୍ଧତିରେ ନିୟମିତ ଭାବେ 'ଡି-ଡଷ୍ଟିଂ' ବା ଧୂଳି ସଫେଇ କାର୍ଯ୍ୟ କରିବାକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ୧୫ ଦିନରେ ଜିଲ୍ଲାପାଳଙ୍କ ନିକଟରେ ରିପୋର୍ଟ ଦାଖଲ କରିବାକୁ ଶିଳ୍ପ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ଯେକୌଣସି ଅବହେଳା ପାଇଁ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

